ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.231 Bhubaneswar Wednesday November 02 2022 ୨୫ତମ ବର୍ଷ ସଂଖ୍ୟା-୨୩୧ ଭୁବନେଶ୍ୱର, ବୁଧବାର, ନଭେମ୍ବର ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୨୨ବର୍ଷ ଶାସନ ପରେ ବି ମୁଖ୍ୟମନ୍ତ୍ରୀଙ୍କୁ ଲୋଭ ଦେଖାଇବାକୁ ପଡୁଛି: ଧର୍ମେନ୍ଦ୍ର



ଭୁବନେଶ୍ୱର,୧।୧୧(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ଆଜି ଶେଷ ଦିନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରିଛନ୍ତି । ଭଦ୍ରକରେ ମେଡିକାଲ କଲେଜ ଖୋଲିବା ପାଇଁ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଥିବା ସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ ନିରବ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟରେ ୨୨ବର୍ଷ କ୍ଷମତାରେ ରହିବା ପରେ ବି ବିକାଶ କଥା କହି ଧାମନଗରବାସୀଙ୍କୁ ଲୋଭ ଦେଖାଇବାକୁ ପଡୁଛି ଓ ଦାୟିତ୍ୱ ମୁଁ ନେବି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିବାକୁ ପଡୁଥିବା ଧର୍ମେନ୍ଦ୍ର କଟାକ୍ଷ କରିଛନ୍ତି ।ଆଜି ଧୁଷୁରିଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୨ବର୍ଷ ଧରି ଶାସନରେ ରହିବା ପରେ ବି ଭୋଟରଙ୍କୁ ଲୋଭ ଦେଖାଇବାକୁ ପଡୁଛି । ଧାମନଗର ଦାୟିତ୍ୱ ମୋ' ଉପରେ କହିବାକୁ ପଡୁଛି । ଭଦ୍ରକରେ ମେଡିକାଲ କଲେଜ ନହେବା ପଛରେ ଦାୟୀ କିଏ? ଏଥିପାଇଁ ସେ ନିଜେ ୨୦୨୦ ଫେବୃୟାରୀ ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଆଉ ଏହି ମେଡିକାଲ କଲେଜ ପାଇଁ କେନ୍ଦ୍ର ସରକାର ୬୦% ଅର୍ଥ ଦେବାକୁ ପ୍ରସ୍ତୁତ ଅଛନ୍ତି, ରାଜ୍ୟ ସରକାର ଆନୁଷ୍ଠାନିକ ପ୍ରସ୍ତାବ ପଠାଇବାକୁ ସେ ଅନୁରୋଧ କରିଥିଲେ । ମାତ୍ର ମୁଖ୍ୟମନ୍ତ୍ରୀଙ୍କଠୁ ଏନେଇ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିଲା ନାହିଁ । ଭଦ୍ରକ ଜିଲ୍ଲାକୁ ସାବତ ପୁଅ ଭାବୁଥିବା ବିଜୁ ଜନତା ଦଳର ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନେଲେ ନାହିଁ । ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସେ ଚାହୁଁଛନ୍ତି ଓ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଏହି ଦାୟିତ୍ୱ କାହିଁକି ନେଲେନି ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତିକୁ ନେଇ ଶ୍ରୀ ପ୍ରଧାନ ସମାଲୋଚନା କରିବା ସହ ସ୍ୱାଭିମାନୀ ଧାମନଗରବାସୀ ନିଶ୍ଚିତ ଭାବେ ସୂର୍ଯ୍ୟବଂଶୀ ସୂରଜଙ୍କୁ ଆଶୀର୍ବାଦ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଭଦ୍ରକରେ ମେଗା ଟେକ୍ସଟାଇଲ୍ ପାର୍କ ତିଆରି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ବିରୋଧ ନକରି ସହଯୋଗ କଲେ ଭଦ୍ରକରେ ମେଗା ଟେକ୍ସଟାଲ୍ ପାର୍କ ହୋଇପାରିବ ।ଧର୍ମେନ୍ଦ୍ର ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିନଥିଲେ ମଧ୍ୟ ଏଠି ଏମାନଙ୍କର ଅହଙ୍କାର ବ?ଯାଇଛି ଓ ଆପଣଙ୍କ ଗୁମାସ୍ତାମାନେ ବାଛବିଚାର କରୁଛନ୍ତି ବୋଲି କହିଛନ୍ତି ।ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଛିଡା ହେବା ପାଇଁ ଧାମନଗରବାସୀ ଆଗଭର ଅଛନ୍ତି ଓ ଆଶୀର୍ବାଦ କରିବା ପାଇଁ ଧର୍ମେନ୍ଦ୍ର ନିବେଦନ କରିବା ସହ ଶତାବ୍ଦୀ ଶତାବ୍ଦୀର ଇତିହାସକୁ ଧାମନଗର ପୁନରାବୃତ୍ତି କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

## ୪ ଅଫିସରଙ୍କୁ ବହିଷ୍କାର ଓ ଅନ୍ୟ ୪ଜଣଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୧।୧୧(ପି.ଏନ): ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ରାଜ୍ୟ ସରକାର ୧୪ଜଣ ସରକାରୀ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ୪ଜଣ ଅଫିସରଙ୍କୁ ଚାକିରିରୁ ବହିଷ୍କାର କରିଥିବାବେଳେ ଅନ୍ୟ ୪ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ସେହିପରି ଅନ୍ୟ ୬ଜଣଙ୍କର ପେନସନ୍ ଓ ଅବସରକାଳୀନ ସୁବିଧାସୁଯୋଗକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ଏପର୍ଯ୍ୟନ୍ତ ମୋଟ ୧୮୭ଜଣ ଦୁର୍ନୀତିଗ୍ରସ୍ତ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, କୋରାପୁଟ ଲମତାପୁଟ ବ୍ଲକର ପୂର୍ବତନ ସିଡିପିଓ ସ୍ୱର୍ଣ୍ଣଭା ଦାସ,ବୌଦ ଜିଲ୍ଲା କଂଟାମାଳ ବ୍ଲକର ପୂର୍ବତନ ବିଡିଓ ଦାମୋଦର ମହାଲିକ, ଦଶମନ୍ତପୁର ବ୍ଲକର ଜୁନିଅର ଇଞ୍ଜିନିୟର ମନୋଜ କୁମାର ବେଉରା ଓ ସୁନ୍ଦରଗଡ ବଡଗାଁ ରେଞ୍ଜରେ ଅବସ୍ଥାପିତ ଫରେଷ୍ଟ ରେଞ୍ଜର ଦିଲ୍ଲିପ କୁମାର ଦିଗଲଙ୍କୁ ଦୁର୍ନୀତି ଓ ଅପାରଗତା କାରଣରୁ ଚାକିରୀରୁ ବହିଷ୍କାର କରାଯାଇଛି ।ସେହିପରି କଟକ ଜନସ୍ୱାସ୍ଥ୍ୟ ଡିଭିଜନର ସୁପରିଟେଣ୍ଡିଂ ଇଞ୍ଜିନିୟର ନବକିଶୋର ସାମଲ, ପୂର୍ବତନ ପୁଲିସ୍ ଡିଏସପି ମଳୟ କିଶୋର ନାୟକ, ସୁନ୍ଦରଗଡ ମ୍ୟୁନିସପାଲଟିର ଆସିଷ୍ଟାଂଟ ଇଞ୍ଜିନିୟର ଜୟନ୍ତ ନାରାୟଣ ପଣ୍ଡା, ତାଳଚେର ମ୍ୟୁନିସପାଲଟିର ପୂର୍ବତନ ଟ୍ୟାକ୍ସ କଲେକ୍ଟର କ୍ଷୀରୋଧ ଚନ୍ଦ୍ର ରାଉତଙ୍କୁ ଅପାରଗତା କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।ନୟାଗଡ ଖଣ୍ଡପଡା ତହସିଲର ପୂର୍ବତନ ତହସିଲଦାର ପଂଚାନନ ବାରିକ, ଗଜପତି ଜିଲ୍ଲା ମୋହନା ବ୍ଲକ୍ ପୂର୍ବତନ ସପ୍ଲାଇ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପାତ୍ର, ପୂର୍ବତନ ଆସିଷ୍ଟାଂଟ୍ ଇଞ୍ଜିନିୟର ପ୍ରସନ୍ନ କୁମାର ପାଣି, କୋରାପୁଟ ନନ୍ଦପୁର ବ୍ଲକ ଦାୟିତ୍ୱରେ ଥିବା ପୂର୍ବତନ ଜୁନିଅର ଇଞ୍ଜିନିୟର ଦୁଷ୍ମନ୍ତ କୁମାର ନାୟକ,ଭୁବନେଶ୍ୱର ଓବିସିସିର ପୂର୍ବତନ ସିନିଅର ମ୍ୟାନେଜର ସୋମନାଥ ପଣ୍ଡା, ଭୁବନେଶ୍ୱର ଆଇଆରସି ଭିଲେଜ ମେଣ୍ଟେନାନ୍ସ ସେକ୍ସନର ପୂର୍ବତନ ଜୁନିଅର ଇଞ୍ଜିନିୟର କୁଞ୍ଜବିହାରୀ ମହାପାତ୍ରଙ୍କ ପେନସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ଜଳ ସପ୍ତାହ-୨୦୨୨ର ଉଦଘାଟନ କଲେ

ନୋଏଡ଼ା, (ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରେଟର ନୋଏଡ଼ାର ଇଣ୍ଡିଆ ଏକ୍ସପୋ ମାର୍ଟରେ ମଙ୍ଗଳବାର ଦିନ ଭାରତ ଜଳ ସପ୍ତାହ – ୨୦୨୨ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ ଜଳ ସଂରକ୍ଷଣ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରୟାସ ବିଷୟରେ ଉଲ୍ଲେଖ କରିଥିବା ବେଳେ ଅନ୍ୟପକ୍ଷରେ ସୀମିତ ଜଳ ସମ୍ପଦ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଏହି କ୍ଷେତ୍ରରେ ଜୋରଦାର କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଆନନ୍ଦୀ ବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏବଂ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ।ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ଆମେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତରପ୍ରଦେଶରୁ ଆସିଛୁ । ସର୍ବାଧିକ ଜନସଂଖ୍ୟା ସେଠାରେ ରହିବ ଯେଉଁଠାରେ ସର୍ବାଧିକ ଜୀବନଯାପନ ବ୍ୟବସ୍ଥା ଅଛି ।

## କାର୍ତ୍ତିକ ପଂଚକରେ ୪ ଦ୍ୱାର ଖୋଲନ୍ତୁ ଶ୍ରୀମନ୍ଦିର ପ୍ରଶାସନ: କଂଗ୍ରେସ

ଭୁବନେଶ୍ୱର, ୧।୧୧(ପି.ଏନ): ଗତ ରବିବାର ଦିନ ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁଭଳି ଅତ୍ୟଧିକ ଭିଡ଼ରେ ଭକ୍ତମାନେ ଅଣନିଶ୍ୱାସୀ ହୋଇପଡ଼ିଲେ, ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କେତେକ ପରାମର୍ଶ ଦିଆଯାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ, ବିଶିଷ୍ଟ ସମାଜସେବୀ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଶ୍ରୀ ମନ୍ଦିର ପ୍ରଶାସନ କରୋନା ସମୟରେ ଶ୍ରୀମନ୍ଦିରର, ଅନ୍ୟ ତିନିଦ୍ୱାରକୁ ବନ୍ଦ କରି କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କ ପ୍ରବେଶ ବ୍ୟବସ୍ଥା କରିଥିଲେ । ପରବର୍ତୀ ସମୟରେ ପୁରୀ ଅଧିବାସୀଙ୍କ ଦାବି ଫଳରେ ପଶ୍ଚିମଦ୍ୱାର ପୁରୀ ଅଧିବାସୀଙ୍କ ପାଇଁ ଖୋଲା ଯାଇଥିଲା । କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଚଳିତ କାର୍ତ୍ତିକ ମାସରେ ଯେଉଁଭଳି ଭିଡ଼ ଦେଖାଗଲା, ଦର୍ଶନର ସୁବନ୍ଦୋବସ୍ତ କରିବାପାଇଁ ରାଜ୍ୟ ସରକାର ତଥା ଶ୍ରୀ ମନ୍ଦିର ପ୍ରଶାସନର କୌଣସି ଚିନ୍ତା ଥିଲା ଭଳି ଜଣାପଡ଼ିଲା ନାହିଁ । ଯାହା ଫଳରେ ବିଗତ ଦିନ ମାନଙ୍କରେ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ଗଣମାଧ୍ୟମରୁ ଜଣାପଡୁଛି ।

## କଫି ପରି କୋରାପୁଟ୍ ଆଳୁର ରହିଛି ଡିମାଣ୍ଡ, କିନ୍ତୁ ଏଥର ଭଲ ଫଳିଲାନି



କୋରାପୁଟ ,୧।୧୧(ପି.ଏନ): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଆଳୁ ଉତ୍ପାଦନ ହ୍ରାସ ପାଇଛି । ଗତବର୍ଷ ଅପେକ୍ଷା ଏଥର ବହୁ ପରିମାଣରେ ଆଳୁ ଉତ୍ପାଦନ କମିଛି । ଏଥିପାଇଁ ଅନିୟମିତତା ବର୍ଷା ଓ ବିଳମ୍ବିତ ଆଳୁ ବିହନ ଯୋଗାଣକୁ ଦାୟୀ କରାଯାଇଛି । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଓଡିଶାରେ କେବଳ ଗୋଟିଏ ଋତୁରେ ଆଳୁ ଚାଷ ହୋଇଥାଏ । ହେଲେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଦୁଇଟି ଋତୁ ଆଳୁ ଚାଷ ହେଉଛି । ଅର୍ଥାତ ରବି ଓ ଖରିଫ୍ ଋତୁରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଚାଷ ହେଉଛି । କଫି ପରି କୋରାପୁଟ୍ ଜିଲ୍ଲାରେ ଉତ୍ପାଦନ ହେଉଥିବା ଆଳୁର ରହିଛି ସ୍ୱତନ୍ତ୍ର ଚାହିଦା । ଆଳୁ ଚାଷ ପାଇଁ ପାଣିପାଗ ବେଶ୍ ଅନୁକୂଳ ହୋଇଥିବାରୁ ଜିଲ୍ଲାର କୋରାପୁଟ, ନନ୍ଦପୁର, ସେମିଳିଗୁଡା ଓ ପଟାଙ୍ଗୀ ବ୍ଲକରେ ବହୁ ଚାଷୀ ଆଳୁ ଚାଷ କରୁଛନ୍ତି । ୨୦୨୧ ମସିହାରେ କୋରାପୁଟ ଜିଲ୍ଲାରେ ୧୦୪୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଥିଲା । ଚାଷୀଙ୍କୁ ୪୦୬୦୦ ବସ୍ତା ଆଳୁ ବିହନ ଯୋଗାଇ ଦିଆଯାଇଥିଲା । ଭଲ ଚାଷ ମଧ୍ୟ ହୋଇଥିଲା । କିନ୍ତୁ ଚାଷୀ ଉଚିତ୍ ମୂଲ୍ୟ ପାଇନଥିଲେ । କାରଣ ଆଳୁ ଦର ୨୦ ଟଙ୍କା ଅତିକ୍ରମ କରିନଥିବାରୁ ଚାଷୀ ଭଲ ଦୁଇ ପଇସା ପାଇନଥିଲେ । ଚଳିତବର୍ଷ ଠିକ୍ ସମୟରେ ବିହନ ମିଳିନଥିଲା । ଯେଉଁଥିପାଇଁ ଚାଷୀମାନେ ନାହିଁନଥିବା ଅସୁବିଧାରେ ପଡିଥିଲେ । ଗତବର୍ଷ ପରି ଏଥର ଚାଷୀମାନେ ବେଶୀ ଆଳୁ ଚାଷ କରିପାରିନଥିଲେ । ମାତ୍ର ୫୭୦ ହେକ୍ଟର ଜମିରେ ଆଳୁ ଚାଷ ହୋଇଥିଲା । ଯେଉଁଥିପାଇଁ ଭଲ ଆଳୁ ଉତ୍ପାଦନ ହୋଇପାରିନଥିଲା । ଅନ୍ୟପକ୍ଷରେ ଏଥର ଆଳୁ ସାଇଜ୍? ଛୋଟ ହୋଇଛି । କିନ୍ତୁ ଏଥର ଆଳୁର ଡିମାଣ୍ଡ ଭଲ ରହିଛି ବୋଲି ଚାଷୀମାନେ କହିଛନ୍ତି ।ଆଳୁ ଚାଷୀ ଖଗପତି ହନ୍ତାଳ କହିଛନ୍ତି, "ଦୀର୍ଘ ଦିନ ଧରି ଆଳୁ ଚାଷ କରିଆସୁଛି । ଏଥର ପଞ୍ଜାବରୁ ବିହନ ମଗାଇଥିଲୁ । ସେଥିପାଇଁ ସରକାର କିଛି ମାତ୍ରାରେ ସବ୍‌ସିଡି ଦେଇଛନ୍ତି । ଗତବର୍ଷ ଅପେକ୍ଷା ଏଥର ଭଲ ଆଳୁ ହୋଇନାହିଁ । ପାଣିପାଗ ପରିବର୍ତ୍ତନ ଯୋଗୁ ଏଥର ଆଳୁ ସାଇଜ୍? ଛୋଟ ହୋଇଛି । ଆଳୁ ଭଲ ଫଳିନାହିଁ । ବେପାରୀ ନେବା ପାଇଁ ଆସୁଛନ୍ତି । ହେଲେ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଆଳୁ ନାହିଁ ।"ଭୁବନେଶ୍ୱର ଇଣ୍ଟର ନ୍ୟାସନାଲ୍? ପଟାଟୋ ରିସର୍ଚ୍ଚ ସେଣ୍ଟରର ଜୁନିୟର ରିସର୍ଚ୍ଚର ରଞ୍ଜନ କୁମାର ସାହୁ କହିଛନ୍ତି, "ଗତ ୩ ବର୍ଷ ହେଲା କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଆଳୁ ଚାଷ କରି ଆସୁଛୁ ।

## କଶ୍ମୀରରେ ଡବଲ ଏନକାଉଣ୍ଟର, ୪ ଆତଙ୍କୀ ସଫା



ଶ୍ରୀନଗର,୧।୧୧(ପି.ଏନ): ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀ ଆରମ୍ଭ କରିଥିବା ଆତଙ୍କବାଦ ନିରୋଧ ଅପରେସନକୁ ବଡ ସଫଳତା ପାଇଛି । ଆଜି ଲଗାତର ଦୁଇଟି ଏନକାଉଣ୍ଟରରେ ଟଳିଛନ୍ତି ୪ ଆତଙ୍କବାଦୀ । ଅବନ୍ତିପୁରାରେ ହୋଇଥିବା ଏନକାଉଣ୍ଟରରେ ୩ ଜଣ ଆତଙ୍କୀ ନିହତ ହୋଇଥିବା ବେଳେ ବିଜବେହାର ଅଞ୍ଚଳରେ ଜଣେ ଆତଙ୍କୀ ପ୍ରାଣ ହରାଇଛି ।ଜଣେ ବରିଷ୍ଠ ପୁଲିସ୍? ଅଧିକାରୀ କହିଛନ୍ତି ଯେ ଅବନ୍ତିପୁରା ଏନକାଉଣ୍ଟରରେ ଜଣେ ବିଦେଶୀ ଆତଙ୍କୀ ଓ ଲସ୍କର ପାଇଁ କାମ କରୁଥିବା କଶ୍ମୀରର ମୁକ୍ତିୟାର ଭଟ ନିହତ ହୋଇଛନ୍ତି । ଆଉ ଜଣକ ପରିଚୟନ ମିଳିନାହିଁ । ମୁକ୍ତିୟାର ଭଟ ଓ ବିଦେଶୀ ଆତଙ୍କୀ ଜଣକ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ଏକାଧିକ ଆତଙ୍କୀ ହମଲାରେ ସାମିଲ ଥିଲେ ।ନିକଟରେ ସିଆରପିଏଫର ଜଣେ ଏଏସ୍‌ଆଇ ଓ ୨ ଜଣ ଆରପିଏଫ ଯବାନଙ୍କ ହତ୍ୟା ଘଟଣାରେ ଏମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଭଟ ହେଉଛି ଲସ୍କରର କମାଣ୍ଡର । ଭଟ ଆଜି ବିଦେଶୀ ଆତଙ୍କବାଦୀ ସହ ମିଶି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଥିଲା ।ନିହତ ଆତଙ୍କୀଙ୍କ ନିକଟରୁ ଗୋଟିଏ ଏକେ ୪୭ ରାଇଫଲ, ଗୋଟିଏ ଏକେ ୫୬ ରାଇଫଲ, ଗୋଟିଏ ପିସ୍ତଲ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ଅବନ୍ତିପୁରା ପୁଲିସ୍ ଓ ଆର୍ମି ଯବାନମାନେ ମିଳିତ ଅପରେସନ କରି ବଡ ଧରଣର ଆତଙ୍କୀ ହମଲାକୁ ପଣ୍ଡ କରି ଦେଇଛନ୍ତି ।

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୧।୧୧(ପି.ଏନ): ଧାମନଗର ଉପ ନିର୍ବାଚନରେ ପରାଜୟ ଭୟରେ ବିଜେପି ସମସ୍ତ ନିୟମ ଉଲଂଘନ କରୁଛି । ବିଜେପି ବାରମ୍ବାର ନାରୀ ଶକ୍ତି ଉପରେ ଆକ୍ରମଣ କରୁଛି । ଏନେଇ ପୁଣି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡିର ୭ ଜଣିଆ ପ୍ରତିନିଧି ଦଳ । ବିଜେଡି ଅଭିଯୋଗ କରିଛି ଯେ ମହିଳା ଏସଏଜିଙ୍କ ବିରୋଧରେ ଟଙ୍କା ବାଂଟିବା ନେଇ ଫେକ ଭିଡିଓ କରିଥିଲା ବିଜେପି । ଏହା ଦ୍ୱାରା ଧାମନଗରର ନାରୀ ଶକ୍ତି ଓ ମହିଳା ଏସଏଜିଙ୍କ ଗାରିମାଙ୍କୁ ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି ।

## ବିଏମ୍‌ସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୧।୧୧(ପି.ଏନ): ଆଜି ବି.ଏମ୍.ସି. ଅଫିସ୍ ସମ୍ମୁଖରେ "ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘ" ତରଫରୁ ପୁରାପୁରି ସଫେଇ କାମ ବନ୍ଦ କରାଯାଇ ଏକ ବିଶାଳ ଆନ୍ଦୋଳନ କରାଯାଇଥିଲା । ସଫେଇ କର୍ମଚାରୀଙ୍କୁ ରାତ୍ରିକାଳୀନ ସଫେଇ କାର୍ଯ୍ୟରେ ଜୋର୍ ଜବରଦସ୍ତ ଖଟାଇବା ବିରୋଧରେ ଏହି ଆନ୍ଦୋଳନ ଓ ଗଣଧାରଣା ଦିଆଯାଇଥିଲା । ହଜାର ହଜାର ସଂଖ୍ୟାରେ ସଫେଇ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଗତ ଅଗଷ୍ଟ ମାସରୁ ବିଏମ୍‌ସି କର୍ତ୍ତୃପକ୍ଷ ରାତ୍ରିରେ ସଫେଇ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆମେ ଏହାକୁ ବିରୋଧ କରି ରାତ୍ରିକାଳୀନ କାମରେ କୌଣସି ସୁବିଧା ନାହିଁ, ସଫେଇ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ମହିଳା ଥିବାରୁ ବିନା ସୁରକ୍ଷାରେ ଓ ବିନା ଆଲୋଚନାରେ ରାତିରେ କାମ କରିପାରିବେ ନାହିଁ ବୋଲି ରୋକଠୋକ ଜଣାଇବାରୁ କର୍ତ୍ତୃପକ୍ଷ ଚୁପ୍ ରହିଯାଇଥିଲେ । ହେଲେ ଗତ ଦୁଇ/ତିନି ଦିନ ତଳେ କର୍ତ୍ତୃପକ୍ଷ ପୁନର୍ବାର ରାତ୍ରି ସଫେଇ କାମ କରିବାକୁ ଯେଉଁ ନିର୍ଦ୍ଦେଶ ଦେଲେ ତା' ବିରୁଦ୍ଧରେ ଆଜି ବିଏମ୍‌ସି କମିଶନରଙ୍କୁ ଦେଖାକରି ଏହି ନିଷ୍ପତି ବିରୁଦ୍ଧରେ ଜଣାଇଥିଲୁ । ବିଏମ୍‌ସି କମିଶନର ତାଙ୍କ ଉତରରେ କହିଥିଲେ ଯେ, ରାତିରେ କାମ ହେବନାହିଁ, ଆଉ କୌଣସି ଠିକାଦାର, କର୍ପୋରେଟର ଡରାଇ ଧମକାଇ ଯଦି ରାତିରେ ସଫେଇ କରିବାକୁ ବାଧ କରନ୍ତି, ତେବେ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇ ଆମକୁ ଜଣାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ମହାସଂଘର ସମ୍ପାଦକ ସହଦେବ ବେହେରା । ସେହିଭଳି ଭାରତ ମଜଦୁର ସଂଘ (ବି.ଏମ୍.ଏସ୍.) ସହବନ୍ଧିତରେ ହୋଇଥିବା ଭୁବନେଶ୍ୱର ମୁନିସିପାଲିଟି ସଫେଇ ମଜଦୁର ସଂଘର ସଦସ୍ୟମାନେ ବିଏମ୍‌ସି ଫାଟକକୁ ସମ୍ପୂର୍ଣ୍ଣ ଅବରୋଧ କରି ଏହି ଅନ୍ୟାୟ ନିର୍ଦ୍ଦେଶ ବିରୁଦ୍ଧରେ ପ୍ରତିବାଦ ଜଣାଇଥିଲେ । ବର୍ଷ ବର୍ଷ ଧରି ସଫେଇ କର୍ମଚାରୀଙ୍କର କୌଣସି ସ୍ଥାୟୀ ସମାଧାନ କର୍ତ୍ତୃପକ୍ଷ କରିନାହାନ୍ତି, ଖାମ୍‌ଖିଆଲି ନୀତି ମନୋଭାବ ରଖି ବିଏମ୍‌ସି କର୍ଣ୍ଣପାତ କରୁନଥିବା ବେଳେ ରାତି ୧୧ଟାରୁ ୩ଟା ପର୍ଯ୍ୟନ୍ତ ବିନା କୌଣସି ଗାଇଡ୍‌ଲାଇନ୍, ସୁରକ୍ଷାରେ କେମିତି ରାତିରେ ସଫେଇ କରିବେ ବୋଲି ପ୍ରଶ୍ନ କରିବା ସହ ମହିଳା ସଫେଇ କର୍ମଚାରୀମାନେ ରାତିରେ ଅସାମାଜିକ ଲୋକଙ୍କର ଆଶାଳୀନ ବ୍ୟବହାରର ଶିକାର ହେଉଛନ୍ତି ବୋଲି ସଂଘର ସଭାପତି ଲକ୍ଷ୍ମୀନାରାୟଣ ନାୟକ ଅଭିଯୋଗ କରିଛନ୍ତି ।

## ଧାମନଗରରେ ସରିଲା ପ୍ରଚାର, ଏବେ ସ୍ଥାନୀୟ ନେତାଙ୍କୁ ଭରସା

ଭୁବନେଶ୍ୱର,୧।୧୧(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ହାଇଭୋଲଟେଜ୍ ପ୍ରଚାର ଶେଷ ହୋଇଛି । ଦିନକ ପରେ ଅର୍ଥାତ୍ ଗୁରୁବାର ସକାଳ ୭ଟାରୁ ଧାମନଗର ଉପନିର୍ବାଚନ ପାଇଁ ମତଦାନ ହେବାକୁ ଥିବାବେଳେ ଗତ ଦୁଇ ସପ୍ତାହରୁ ଅଧିକ ସମୟ ଧରି ସେଠାରେ ନିର୍ବାଚନ ପରିଚାଳନା ଓ ପ୍ରଚାରର ମଙ୍ଗ ଧରିଥିବା ରାଜ୍ୟସ୍ତରୀୟ ନେତାମାନେ ନିର୍ବାଚନମଣ୍ଡଳୀ ଛାଡି ଏବେ ଭଦ୍ରକରେ ଡେରା ପକାଇଛନ୍ତି । ଆଉ ସ୍ଥାନୀୟ ନେତାମାନଙ୍କ ଭରସାରେ ଗୁରୁତ୍ୱପୂର୍ଣ୍ଣ ଶେଷ ୨୪ଘଣ୍ଟାକୁ ମ୍ୟାନେଜ୍ କରି ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଜେପି ଓ ବିଜେଡି ମଧ୍ୟରେ ଛକାପଞ୍ଝା ଜୋର୍ ଧରିଛି ।ଆଜି ଶେଷ ଦିନରେ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ମଇଦାନକୁ ଓହ୍ଲାଇ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ସପକ୍ଷରେ ଭୋଟ୍ ମାଗିଥିବାବେଳେ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ବିଜେଡି ପକ୍ଷରୁ ପ୍ରଚାରର ଶେଷଦିନରେ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସପକ୍ଷରେ ଓଡିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନେଇ ରୋଡ୍ ଶୋ' ଓ ବାଇକ୍ ରାଲି କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ହୋଇଛି । ବିଜେପି, ବିଜେଡି ଓ କଂଗ୍ରେସ ଆଜି ଶେଷଦିନରେ ନିଜ ନିଜର ନେତାମାନଙ୍କୁ ନେଇ ପ୍ରଚାରକୁ ଜୋରଦାର କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ସ୍ଥାନୀୟ ସମର୍ଥକମାନଙ୍କ ସହ ଘରକୁ ଘର ବୁଲି ପ୍ରଚାର କରିଛନ୍ତି ।ଧାମନଗର ଉପନିର୍ବାଚନରେ ବିଜେଡିର ବିଦ୍‌ରୋହୀ ତଥା ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଦାସ ମଇଦାନରେ ରହିଥିବାରୁ ଭୋଟରଙ୍କୁ ମୁଡ୍ ଜାଣିବା କୌଣସି ଦଳ ପକ୍ଷରେ ସମ୍ଭବପର ହୋଇପାରୁନଥିବା ଜଣାପଡିଛି । ଯଦିଓ ବିଜେଡି ଓ ବିଜେପି ପକ୍ଷରୁ ଜିତିବା ନେଇ ଦମ୍ଭୋକ୍ତି କରାଯାଉଛି । ବିଜେଡି ଓ ବିଜେପି କର୍ମୀମାନଙ୍କ ମଧ୍ୟରେ ଛକାପଞ୍ଝା ବଢ଼ିଥିବାରୁ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି ।ଆସନ୍ତା ୩ତାରିଖ ଗୁରୁବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ମୋଟ ୨ଲକ୍ଷ ୩୮ହଜାର ୪୧୭ଜଣ ଭୋଟର ଧାମନଗର ନିର୍ବାଚନମଣ୍ଡଳୀର



୨୫୨ଟି ବୁଥରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିରୁ ୧୦୭ଟି ବୁଥ ସମ୍ବେଦନଶୀଳ ଥିବାବେଳେ ପ୍ରାୟ ୫୦% ବୁଥରେ ୱେବକାଷ୍ଟିଂ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ପରିଚାଳନା ନିମନ୍ତେ ମୋଟ ୨ଜଣ ପର୍ଯ୍ୟବେକ୍ଷକ ଓ ଅନ୍ୟ ୨୬ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ୨ କମ୍ପାନୀ ସିଆରପିଏଫ ଓ ୨ କମ୍ପାନୀ ବିଏସଏଫକୁ ମୁତୟନ କରାଯାଇଛି ଓ ୨୩ ପ୍ଲାଟୁନରୁ ଅଧିକ ରାଜ୍ୟ ପୁଲିସ ମଧ୍ୟ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ।ଆଜି ରାତି ତମାମ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଧରପଗଡ ଓ ପାଟ୍ରୋଲିଂ ଜୋରଦାର ହେଉଥିବା ଜଣାପଡିଛି ।ଧାମନଗର ଉପନିର୍ବାଚନରେ ବିଜେଡିର

ବିଦ୍‌ରୋହୀ ତଥା ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଦାସ ମଇଦାନରେ ରହିଥିବାରୁ ଭୋଟରଙ୍କୁ ମୁଡ୍ ଜାଣିବା କୌଣସି ଦଳ ପକ୍ଷରେ ସମ୍ଭବପର ହୋଇପାରୁନଥିବା ଜଣାପଡିଛି । ଯଦିଓ ବିଜେଡି ଓ ବିଜେପି ପକ୍ଷରୁ ଜିତିବା ନେଇ ଦମ୍ଭୋକ୍ତି କରାଯାଉଛି । ବିଜେଡି ଓ ବିଜେପି କର୍ମୀମାନଙ୍କ ମଧ୍ୟରେ ଛକାପଞ୍ଝା ବଢ଼ିଥିବାରୁ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି ।ଆସନ୍ତା ୩ତାରିଖ ଗୁରୁବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ମୋଟ ୨ଲକ୍ଷ ୩୮ହଜାର ୪୧୭ଜଣ ଭୋଟର ଧାମନଗର ନିର୍ବାଚନମଣ୍ଡଳୀର ୨୫୨ଟି ବୁଥରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିରୁ ୧୦୭ଟି ବୁଥ ସମ୍ବେଦନଶୀଳ ଥିବାବେଳେ ପ୍ରାୟ ୫୦% ବୁଥରେ ୱେବକାଷ୍ଟିଂ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ପରିଚାଳନା ନିମନ୍ତେ ମୋଟ ୨ଜଣ ପର୍ଯ୍ୟବେକ୍ଷକ ଓ ଅନ୍ୟ ୨୬ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ୨ କମ୍ପାନୀ ସିଆରପିଏଫ ଓ ୨ କମ୍ପାନୀ ବିଏସଏଫକୁ ମୁତୟନ କରାଯାଇଛି ଓ ୨୩ ପ୍ଲାଟୁନରୁ ଅଧିକ ରାଜ୍ୟ ପୁଲିସ ମଧ୍ୟ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ।ଆଜି ରାତି ତମାମ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଧରପଗଡ ଓ ପାଟ୍ରୋଲିଂ ଜୋରଦାର ହେଉଥିବା ଜଣାପଡିଛି ।








## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ



ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# କେତେ ପାରଙ୍ଗମ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ !!

**ଶରତ କୁମାର ରାଉତ**



ଓଡ଼ିଶା ରାଜ୍ୟ ସଚିବାଳୟର ତୃତୀୟ ମହଲା କିଛିବର୍ଷ ତଳୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ରାଜନୈତିକ ନେତା ହୁଅନ୍ତୁ କି ସାଧାରଣ ଲୋକେ କି ଅନ୍ୟ କେହି, ସରକାରୀ ସ୍ତରରେ ନିଜର ସ୍ୱାର୍ଥରେ ସାମାନ୍ୟ ଆଂଚ ଆସିଲେ, ସେମାନେ ସିଧା ତୃତୀୟ ମହଲାକୁ ଇଂଗିତ କରିଥାନ୍ତି । ମୁଖ୍ୟତଃ ବିଭିନ୍ନ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କୁ ସମାଲୋଚନା କରନ୍ତି । ଏହାର କାରଣ ହୁଏତ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ପ୍ରକାଶ୍ୟରେ ସମାଲୋଚନା କରିବାର ସତ୍‌ସାହସ କାହାରି ନାହିଁ । ପ୍ରାୟ ସମସ୍ତଙ୍କର କହିବା କଥା ଯେ, ନବୀନବାବୁ ବେଶ୍ ଭଲ ଲୋକ । ଏହି ହିସାବରେ ତାଙ୍କର ବ୍ୟକ୍ତିଗତ ସଚିବ ବା ପରାମର୍ଶଦାତା ନିଶ୍ଚୟ ଜଣେ ଅମାୟିକ ମଣିଷ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଶାସନ କରିବାର କ୍ଷମତା କେବଳ ମୁଖ୍ୟମନ୍ତ୍ରୀଙ୍କର ରହିଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସମେତ କୌଣସି ଅଫିସରଙ୍କର ନିଜସ୍ୱ କାର୍ଯ୍ୟ କରିବାର ଅଧିକାର କିଛି ନାହିଁ । ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶରେ ବା ସେ ଯାହା ଚାହୁଁଛନ୍ତି, ତାହା ହିଁ ଅଫିସରମାନେ କରୁଛନ୍ତି । ଯେଉଁ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଚାହିଁବେ, ତାଙ୍କର କ୍ଷମତା-ପ୍ରତିପତ୍ତି ସବୁ ଉଭେଇଯିବ । ମାତ୍ର କିଛି ଲୋକଙ୍କର ଧାରଣା ଯେ, ଅନ୍ୟ କେହି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରୁଛି ଓ ତାଙ୍କ ପରାମର୍ଶରେ ମୁଖ୍ୟମନ୍ତ୍ରୀ ଶାସନ କରୁଛନ୍ତି । ୨୦୧୨ ପୂର୍ବରୁ କୁହାଯାଉଥିଲା ଯେ, ପ୍ୟାରୀମୋହନ ମହାପାତ୍ର ସବୁ କରୁଛନ୍ତି ଓ ମୁଖ୍ୟମନ୍ତ୍ରୀ କେବଳ ମୋହର ମାରୁଛନ୍ତି । ସେପରିଟି ଏବେ ଅଧିକାଂଶ ଲୋକଙ୍କର ଧାରଣ ଯେ, ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ୍ ସବୁକିଛି କରୁଛନ୍ତି । ଅବଶ୍ୟ ରାଜ୍ୟ ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରୀ କାହାର ପରାମର୍ଶ ନେବା ଏକ ସାଧାରଣ କଥା । ମାତ୍ର ଘଟଣା ପ୍ରବାହରୁ ମନେହୁଏ, ନବୀନବାବୁଙ୍କର ନିଷ୍ପତ୍ତି ସର୍ବଦା ସ୍ୱତନ୍ତ୍ର । ସମସ୍ତେ ଜାଣନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନବାବୁ ଭଲ ଭାବରେ ଓଡ଼ିଆ କହିପାରନ୍ତି ନାହିଁ । ଅଳ୍ପ କଥା କୁହନ୍ତି । ତଥାପି ଲୋକମାନେ ତାଙ୍କୁ ବହୁତ ଭଲ ପାଉଛନ୍ତି । ବିପୁଳ ସମର୍ଥନ ଦେଉଛନ୍ତି । ସେଥିପାଇଁ ବିଜେଡ଼ିର ଭୋଟ ହାର ଆଶାତୀତ ଭାବେ ବଢ଼ି ଚାଲିଛି । ଏପରିକି ବିଭିନ୍ନ ରାଜନୀତିକ ଦଳର ବଡ଼ବଡ଼ ନେତାମାନେ ନବୀନବାବୁଙ୍କ ଆଦର୍ଶରେ ଆକର୍ଷିତ ହୋଇ ବିଜେଡ଼ିରେ ଯୋଗ ଦେଉଛନ୍ତି । ନେତାମାନଙ୍କ ଭିତରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ବିଜେଡ଼ି ଟିକଟ ବିନା ବିଧାୟକ ବା ସାଂସଦ ଭାବେ ନିର୍ବାଚିତ ହେବା ସମ୍ଭବ ନୁହେଁ । ଏହାର ମୂଳ କାରଣ ହେଲା, ସମସ୍ତ ସରକାରୀ ସେବା ଠିକ୍ ସମୟରେ ସାଧାରଣ ଲୋକଙ୍କ ପାଖରେ ପହଂଚୁଛି । ବିଭିନ୍ନ ଉନ୍ନୟନ ଯୋଜନାର ଲାଭ ଲୋକେ ପାଉଛନ୍ତି । ରାଜ୍ୟ ବିକାଶ ପଥରେ ଆଗଉଛି । ବେଶ ଖୁସିରେ ଅଛନ୍ତି ରାଜ୍ୟବାସୀ ।

ବାସ୍ତବତା ଦେଖାଗଲେ, ଶ୍ରୀ ପାଣ୍ଡିଆନ୍ ହେଉଛନ୍ତି ଓଡ଼ିଶାର ଜଣେ ଚର୍ଚ୍ଚିତ ଚେହେରା । ତାଙ୍କର ଘର ତାମିଲନାଡୁ ରାଜ୍ୟରେ । ୨୦୦୦ ମସିହା ଆଇଏଏସ୍ ବ୍ୟାଚ୍ ଓ ଓଡ଼ିଶାରେ ସରକାରୀ ଚାକିରିରେ ଯୋଗ ଦିଅନ୍ତି ୨୦୦୨ ମସିହା ସେପ୍ଟେମ୍ବର ୪ ତାରିଖରେ । ତାଙ୍କର ସହଧର୍ମିଣୀ ସୁଜାତା ରାଉତ ମଧ୍ୟ ୨୦୦୦ ମସିହା ଆଇଏଏସ୍ ବ୍ୟାଚ୍ ଓ ୨୦୦୨ ମସିହା ସେପ୍ଟେମ୍ବର ୪ ତାରିଖରେ ଓଡ଼ିଶାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ଆଇଏଏସ୍ ସୁଜାତା ରାଉତ ଜଣେ ଓଡ଼ିଆ ଝିଅ । ତାଙ୍କର ଘର କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଅଂଚଳରେ । ପରେ ସେ ନିଜ ସାଙ୍ଗିଆ ବଦଳାଇଥିଲେ, "ସୁଜାତା (ରାଉତ) କାର୍ତ୍ତିକେୟନ୍" । ବର୍ତ୍ତମାନ ସେ ମହିଳା ଓ ଶିଶୁ ବିକାଶ ବିଭାଗରେ 'ମିଶନ ଶକ୍ତି'ର କମିସନର ତଥା ନିର୍ଦ୍ଦେଶକ ପଦରେ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଜିଲ୍ଲାରେ ଶ୍ରୀ ପାଣ୍ଡିଆନ୍ ଜିଲ୍ଲାପାଳ ଥିଲା ବେଳେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇ ସଂପୃକ୍ତ ଜିଲ୍ଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ତାଙ୍କର ନିଷ୍ଠାପର କାର୍ଯ୍ୟ ଯୋଗୁ ସେହିସବୁ ଅଂଚଳରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଅପରାଧ ହ୍ରାସ ପାଇଥିଲା । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଲାଭ ସିଧା ଗରିବ ଲୋକଙ୍କ ପାଖରେ ପହଂଚି ପାରିଥିଲା । ୨୦୧୧ ମଇ ୨ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ନିଜର ନିଷ୍ଠାପର କାର୍ଯ୍ୟ ଯୋଗୁ କ୍ରମେ ଶ୍ରୀ ପାଣ୍ଡିଆନ୍ ରାଜ୍ୟର ସବୁଠୁ ପ୍ରଭାବଶାଳୀ ସରକାରୀ ଅଫିସର ଭାବରେ ପରିଚିତ ହୋଇଗଲେ । ତାଙ୍କୁ ମଧ୍ୟ ରାଜ୍ୟ ସରକାରଙ୍କ କ୍ଷମତାର ଦ୍ୱିତୀୟ କେନ୍ଦ୍ର ବୋଲି କୁହାଯାଉଅଛି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରୀ ନୀତି ଓ ନିଷ୍ପତ୍ତିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଅଫିସରମାନଙ୍କ କର୍ତ୍ତବ୍ୟ । ଏସବୁ ନିର୍ଦ୍ଧାରିତ ନିୟମ ଅନୁସାରେ ହୋଇଥାଏ । ଅଫିସରମାନେ ନିଜ କର୍ତ୍ତବ୍ୟ ବା ସରକାରଙ୍କ ନିର୍ଦ୍ଦେଶକୁ ନିୟମିତ ପାଳନ କରି କାର୍ଯ୍ୟକାରୀ କରନ୍ତି । ସେମାନେ ଏକପାଖିଆ କୌଣସି ନିଷ୍ପତି ନେଇପାରିବେ ନାହିଁ । ବିଭିନ୍ନ ନିୟମ-କାନୁନ ମଧ୍ୟରେ ରହି ସେମାନେ କାମ କରନ୍ତି । ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ସହାୟକ ବା ପରାମର୍ଶଦାତା ଭାବେ ରାଜ୍ୟରେ ନବୀନବାବୁଙ୍କ ବିକାଶର ଧାରାକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ହୁଏତ ଏହି କାରଣରୁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଶାସକ ଦଳର ହିରୋ ବା ଚାଣକ୍ୟ ବୋଲି ବିଭିନ୍ନ ମହଲରେ କୁହାଯାଉଛି । ଜଣାପଡୁଛି, ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କର ଏକାନ୍ତ ବିଶ୍ୱସ୍ତ । ବାସ୍ତବରେ ସେ ଜଣେ ସୁଦକ୍ଷ, ସଚ୍ଚୋଟ ଓ ନିର୍ମଳ ଭାବମୂର୍ତ୍ତିସଂପନ୍ନ ଆଇଏଏସ୍ ଅଫିସର । ହୁଏତ ଏଥିପାଇଁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଛନ୍ତି । ତେବେ ମୁଖ୍ୟମନ୍ତ୍ରୀ



ନବୀନବାବୁ ଶ୍ରୀ ପାଣ୍ଡିଆନ୍‌ଙ୍କ ବ୍ୟତୀତ ଅନ୍ୟମାନଙ୍କଠାରୁ ବି ପରାମର୍ଶ ନେଉଥାଇପାରନ୍ତି, ହେଲେ ସେ ନିଜ ମନ-ମସ୍ତିଷ୍କରେ ବ୍ୟାପକ ସମୀକ୍ଷା କରି ତାହା କାର୍ଯ୍ୟକାରୀ କରନ୍ତି । ଏପରିକି ଯଦିଓ ଶ୍ରୀ ପାଣ୍ଡିଆନ୍ କିମ୍ବା ଆଉ କାହା ପରାମର୍ଶରେ ରାଜନୈତିକ ନିଷ୍ପତି ନେଉଥା'ନ୍ତି, ତେବେ ଏଥିରେ କାହାର କିଛି କହିବାର ନାହିଁ । ଏହା ସ୍ୱାଭାବିକ ପ୍ରକ୍ରିୟା ।

ରାଜନୀତିରେ ଜଣଙ୍କ ଉପରେ ନିର୍ଭର କରିବା ବା ଶାସନ କାର୍ଯ୍ୟରେ ପରାମର୍ଶ ନେବା କିଛି ନୂଆ କଥା ନୁହେଁ । ପଣ୍ଡିତ ନେହରୁ କୃଷ୍ଣ ମେନନ୍‌ଙ୍କ ଉପରେ ନିର୍ଭରଶୀଳ ଥିଲେ । ସୋନିଆ ଗାନ୍ଧିଙ୍କର ସମସ୍ତ କାର୍ଯ୍ୟ ପ୍ରଚ୍ଛଦପଟରେ ଭି. ଜର୍ଜ ହିଁ କରିଥାନ୍ତି । ଜାନକୀବାବୁଙ୍କ ସମୟରେ ବସନ୍ତ ବିଶ୍ୱାଳଙ୍କୁ ସୁପର ଚିଫ୍ ମିନିଷ୍ଟର କୁହାଯାଉଥିଲା । ପୂର୍ବରୁ ପ୍ୟାରୀମୋହନ ମହାପାତ୍ର ବିଜେଡ଼ିର ସମସ୍ତ ଦଳୀୟ କାର୍ଯ୍ୟ ବୁଝୁଥିଲେ ।

ତେବେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଅନ୍ୟାନ୍ୟ ରାଜ୍ୟଠାରୁ ଭିନ୍ନ । ଗତ ତିନିବର୍ଷ ଭିତରେ ନବୀନ ସରକାର ସାମ୍ନା କରିଥିଲା କୋଭିଡ୍ ଭଳି ମହାମାରୀକୁ । ଏହି ସମୟରେ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା ସହ ବିକାଶର ନୂଆ ଅଧ୍ୟାୟ ଲେଖି ଓଡ଼ିଶା ପାଲଟିଛି ବିଶ୍ୱର ରୋଲ୍ ମଡ଼େଲ୍ । ଆଉ ସବୁ ସଫଳତା ପଛରେ ରହିଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସଫରମେସନ୍ । ଏହି ୫-ଟି ମନ୍ତ୍ରରେ ଆଗେଇ ଚାଲିଛି ଓଡ଼ିଶା । ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ ଆଦି ସବୁଥିରେ ଆସିଛି ଯୁଗାନ୍ତକାରୀ ପରିବର୍ତ୍ତନ । ନବୀନ ପଟ୍ଟନାୟକଙ୍କ ୨୨ ବର୍ଷର ଲଗାତାର ଶାସନ ଭିତରେ ଗତ ତିନିବର୍ଷରେ ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ବୈପ୍ଳବିକ ରୂପାନ୍ତରଣ । ଇତିମଧ୍ୟରେ ଆହୁରି ସକ୍ରିୟ ହୋଇଛି ସରକାରୀ କଳ । କରୋନା ମହାମାରୀ ସମୟରେ ବି ପ୍ରାଥମିକ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଓଡ଼ିଶା । ଏସବୁ ସମ୍ଭବ ହୋଇଛି ୫-ଟିର ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ । ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆସିଛି । ଗରିବ ଲୋକମାନଙ୍କୁ ନିର୍ଭୟ କରାଇ ଦେଇଛି 'ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼" । ତେବେ ୫-ଟି ଯୋଜନାରେ ଏସ୍‌ସିବିର ନବକଳେବର କାର୍ଯ୍ୟ ଆରମ୍ଭ ହୋଇଛି । ଏପରିକି କୋଭିଡ୍ ମୁକାବିଲା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଦ୍ଧକାଳୀନ ଭିତିରେ ମଜଭୁତ ଭିତିଭୂମି ଛିଡ଼ା କରାଇପାରିଥିଲା, ଯାହା କଳ୍ପନାର ବାହାରେ ଥିଲା । ଏହା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ବୃଦ୍ଧିର ମୁଖ୍ୟ କାରଣ ।

ବାସ୍ତବରେ ୨୪ ବର୍ଷ ତଳର ବିଜୁବାବୁଙ୍କ ପୁତ୍ର ନବୀନ ଆଉ ପୁରୁଣା ନବୀନ ହୋଇ ନାହାନ୍ତି । ଆଜି ସେ ଓଡ଼ିଶା ରାଜନୀତିର କେନ୍ଦ୍ରବିନ୍ଦୁ । ଓଡ଼ିଶାବାସୀଙ୍କର ହର୍ତାକର୍ତା । ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ନବୀନବାବୁଙ୍କୁ ପ୍ରଭାବିତ କରିବା ପାଇଁ କୌଣସି ରାଜନୀତିକ ଦଳ ବା ବ୍ୟକ୍ତି ସକ୍ଷମ ନୁହନ୍ତି । ସେ ଓଡ଼ିଶା ରାଜନୀତିକୁ ଆସିବା ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କର ଆଚରଣ, କଥାବାର୍ତା ଓ ନିର୍ମଳ ଭାବମୂର୍ତି ସେହିଭଳି ଅତୁଟ ରହିଛି । ନିଜର ସ୍ୱଳ୍ପ କଥାବାର୍ତା ଓ ମାର୍ଜିତ ବ୍ୟବହାର ଦ୍ୱାରା ସେ ଲୋକଙ୍କ ହୃଦୟ ସିଂହାସନରେ ବସି ପାରିଛନ୍ତି । ସେ ମଧ୍ୟ ୨୦୧୭ ପାଇଁ ସର୍ବଶ୍ରେଷ୍ଠ ପ୍ରଶାସକ ମାନ୍ୟତା ଅର୍ଜନ କରି ସାରା ଦେଶରେ ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି । ଏହା ହିଁ ତାଙ୍କର ରାଜନୀତିକ ତଥା ପ୍ରଶାସନିକ ଜ୍ଞାନର ସ୍ପଷ୍ଟ ପରିଚୟ ଦେଉଛି ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ——ପୁନର୍ମିଳନ——



ଶିବାନନ୍ଦ ଓ ସୁନନ୍ଦାଙ୍କର ଦୁଇଟି ପୁଅ ପ୍ରମୋଦ ଓ ପ୍ରଶାନ୍ତ । ଶିବାନନ୍ଦ ଗୋଟିଏ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ସୁନନ୍ଦା ମଧ୍ଧ ଉଚ୍ଚଶିକ୍ଷିତା, କିନ୍ତୁ ସେ ଘର କାମ ସହ ପିଲା ଦୁଇଟିଙ୍କର କଥା ଟିକିନିଖି ଭାବରେ ବୁଝିବାପାଇଁ ଚାକିରି କରିବାକୁ ରାଜି ହେଲେନାହିଁ । ପିଲା ଦୁଇଟି ବାପା ମା'ଙ୍କର ସଂସ୍କାର ପାଇ ଶୃଙ୍ଖଳିତ ଭାବରେ ବଢ଼ିବାକୁ ଲାଗିଲେ । ଶିବାନନ୍ଦଙ୍କର ଦରମା ଏବଂ ଗାଁ ବନମାଳିପୁରରେ ଥିବା ଅପର୍ଯ୍ୟାପ୍ତ ଜମିବାଡ଼ିର ଉତ୍ପାଦନକୁ ନେଇ ଛୋଟ ପରିବାରଟି ସ୍ୱଚ୍ଛଳ ଭାବରେ ଚଳନ୍ତି, ଦାନ, ଧର୍ମ, ସେବା ମଧ୍ଧ କରନ୍ତି ।

କାଳକ୍ରମେ ପିଲାମାନେ ବଡ଼ ହୋଇଗଲା ପରେ ବଡ଼ପୁଅ ପ୍ରମୋଦ ଶିକ୍ଷା ସମାପ୍ତ କରି ବ୍ୟାଙ୍କ୍ ଅଫିସର୍ ଏବଂ ସାନପୁଅ ପ୍ରଶାନ୍ତ ଓ.ଏ.ଏସ୍. ଅଫିସର୍ ହେଲା । ଶିବାନନ୍ଦ ଓ ସୁନନ୍ଦା, ଏ ଦୁଇଜଣଙ୍କର ବିବାହ ଏକା ସାଙ୍ଗରେ କରିଦେଲେ । ଦୁଇ ବୋହୂଙ୍କର ନାମକରଣ କଲେ, ମିତା ଓ ରୀତା । ସେମାନଙ୍କୁ ଏକଥା ବି ବୁଝାଇଦେଲେ ଯେ ବିବାହ କହିଲେ କେବଳ ସାଥୀ ସହିତ ରହିବା ନୁହେଁ, ସୁଖ, ଦୁଃଖ ବାଣ୍ଟିବାର ଅଙ୍ଗୀକାରବଦ୍ଧତା ।

ଶିବାନନ୍ଦ ଅଧ୍ୟାପନାରୁ ଅବସର ନେଲେଣି । ଏବେ ଘରଟି ତାଙ୍କର ଛୋଟ ପିଲାଙ୍କର କୋଳାହଳରେ ଅହର୍ନିଶି ମୁଖରିତ । ପ୍ରମୋଦ ଓ ମିତାଙ୍କର ପୁଅଟିଏ ଝିଅଟିଏ, ଦୀପୁ ଓ ପିଙ୍କି ଏବଂ ପ୍ରଶାନ୍ତ, ରୀତାଙ୍କର ମଧ୍ଧ ପୁଅଟିଏ ଝିଅଟିଏ ପିଞ୍ଚୁ ଓ ବେବି । ହାତର ଆଙ୍ଗୁଠି ମାତ୍ର ଦଶଟି, ହେଲେ ମିଶିଯାଆନ୍ତି ବୋଲି ହାତ ହଜାରେ କାମ କରିପାରେ । ଦୁଇ ବୋହୂ ଚାରି ନାତି ନାତୁଣୀଙ୍କ ମେଳରେ ସୁଖ, ଶାନ୍ତି, ଆନନ୍ଦରେ ସମୟ କଟିଯାଏ ସୁନନ୍ଦା ଦେବୀଙ୍କର । ଦାଦିମା ହୋଇଗଲାଠୁ ଏବେ ତାଙ୍କର ଈଶ୍ୱର ଭକ୍ତି, ଆତ୍ମବିଶ୍ୱାସ ବେଳକୁ ବେଳ ବଢ଼ିବାର ଲାଗିଲା, ଭୁବନେଶ୍ୱରର ଗୌତମନଗରର 'ଶ୍ରୀୟା' କଲୋନୀରେ ରହୁଥିବା ଏହି ପରିବାରଟି ଉପରେ କଲୋନୀର ପ୍ରାୟ ସମସ୍ତ ଅଧିବାସୀ ବହୁତ ଖୁସି ।

ବିଧିର ବିଧାନ ବଡ଼ ବିଚିତ୍ର । ସୁଖ ପରେ ଦୁଃଖ, ହସ ପରେ ଲୁହ, ଏ ସୃଷ୍ଟିର ନୀତି । ତାଙ୍କ ପରିବାରର ଏହି ସୁଖ, ଶାନ୍ତି, ଆନନ୍ଦରେ ହଠାତ୍ ଭଙ୍ଗା ପଡ଼ିଗଲା ଶିବାନନ୍ଦ ବ୍ଲଡ୍ କ୍ୟାନସର୍‌ରେ ପୀଡ଼ିତ ହେଲା ଦିନଠାରୁ । ପ୍ରାୟ ଛଅମାସ ହେଲା ହସ୍ପିଟାଲ୍‌ରେ ପଡ଼ିରହିଲେ । ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ପଡ଼ିଲା । ବାଧ୍ୟ ହୋଇ ଦୁଇ ଭାଇ ଗାଁର ସବୁ ଜମିବାଡ଼ିକୁ ବିକ୍ରି କରିଦେଇ ଟଙ୍କା ଆଣିଲେ ବାପାଙ୍କର ଚିକିତ୍ସା ପାଇଁ । ମାତ୍ର ବାପା ଗୋଟିଏ ବର୍ଷ ମୃତ୍ୟୁ ସହ ସଂଗ୍ରାମ କଲାପରେ ଆରପାରିକୁ ଚାଲିଗଲେ । ଏହି ଦାରୁଣ ଦୁଃଖରେ ଅତ୍ୟଧିକ ମ୍ରିୟମାଣ ହୋଇପଡ଼ି ସୁନନ୍ଦା ଦେବୀ ମଧ୍ୟ ଅଳ୍ପଦିନ ପରେ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କଲେ ।

ବାପା ଓ ମାଆଙ୍କୁ ହରାଇଲା ପରେ ସମ୍ପୂର୍ଣ୍ଣ ଅଧୈର୍ଯ୍ୟ ହୋଇପଡ଼ିଲେ ଦୁଇଭାଇ । ଧୀରେ ଧୀରେ ଅଭାବ ଅନାଟନ ସେମାନଙ୍କୁ ଗ୍ରାସକଲା । ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଯଥେଷ୍ଟ ଅର୍ଥ ସଂଗ୍ରହ ହୋଇପାରିଲାନି । ଦୁଇ ଭାଇଙ୍କ ଭିତରେ ଯେଉଁ ପବିତ୍ର ନିଃସ୍ୱାର୍ଥପର ସ୍ନେହ, ମମତା, ଭଲପାଇବା ଥିଲା ତାହା ଧୀରେ ଧୀରେ ତିକ୍ତ ହେବାକୁ ଲାଗିଲା । ବାରମ୍ବାର ମନାନ୍ତର ସୃଷ୍ଟି ହୋଇ ଧୀରେ ଧୀରେ ମତାନ୍ତର ରୂପ ନେଲା ।

ବାପା ମାଆଙ୍କର ସ୍ୱର୍ଗାରୋହଣର ମାତ୍ର ଆଠ/ନଅ ମାସ ହୋଇଛି, ଦୁଇଭାଇ ଭିନ୍ନେ ହୋଇଗଲେ । ବାପା ତିଆରି କରିଥିବା ଘର ମଝିରେ ପାଚେରୀ ପଡ଼ିଲା । ପର୍ବପର୍ବାଣୀ, ରୋଷେଇବାସ ସବୁ ଭିନ୍ନ । ଏପରିକି କେହି କାହାର ମୁହଁ ମଧ୍ୟ ଚାହିଁବାକୁ ଘୃଣା କଲେ ।

ଏ କଥା ଦେଖି କଲୋନୀ ଅଧିବାସୀ ସ୍ତବ୍ଧ । କାହାରି ପାଟିରେ କଥା ନାହିଁ । ଏପରି ଘଟଣା ଥିଲା ସମସ୍ତଙ୍କର କଳ୍ପନା ବହିର୍ଭୂତ ।

ପ୍ରମୋଦ ଓ ପ୍ରଶାନ୍ତଙ୍କର ପିଲାମାନେ ବଡ଼ ହେଇଗଲେଣି । ପ୍ରମୋଦଙ୍କ ପୁଅ ଦୀପୁ ଓ ପ୍ରଶାନ୍ତଙ୍କ ପୁଅ ପିଞ୍ଚୁ ଭୁବନେଶ୍ୱରର ଗୋଟିଏ କମ୍ପାନୀରେ ଇଂଜିନିୟର ହୋଇଗଲେଣି । ପିଙ୍କି ଓ ବେବି ଦୁଇଜଣଯାକ ବାଣୀବିହାରରେ ପି.ଜି. କରୁଛନ୍ତି ।

ଦିନକର କଥା । ରାତି ପ୍ରାୟ ନଅଟା ବାଜି ସାରିଲାଣି । ପ୍ରମୋଦଙ୍କ ପୁଅ ଝିଅ ଓ ପ୍ରଶାନ୍ତଙ୍କ ପୁଅ ଝିଅ କେହି ଘରକୁ ଫେରିନାହାନ୍ତି । ପ୍ରମୋଦ ଦାଣ୍ଡପିଣ୍ଡାରେ ଅପେକ୍ଷା କରି କରି ଅଧୈର୍ଯ୍ୟ ହୋଇପଡୁଛନ୍ତି । ସେପାଖେ ପ୍ରଶାନ୍ତ ମଧ୍ଧ ଗେଟ୍ ପାଖରୁ ଘର, ଘର ପାଖରୁ ଗେଟ୍ ଏହିପରି ଯାଆସ କରିଚାଲିଛନ୍ତି । ସମୟ ଯେତିକି ବିଳମ୍ବ ହେଉଛି ଆଶଙ୍କା ସେତିକି ବଢ଼ି ବଢ଼ି ଚାଲିଛି ଦୁଇଭାଇଙ୍କର । କେହି କାହାକୁ ଭରସିକରି କିଛି ପଚାରି ପାରୁନାହାନ୍ତି । କାରଣ ଦୁହିଁଙ୍କ ଭିତରେ କଥୋପକଥନ ହିଁ ନାହିଁ ଅନେକ ଦିନ ହେଲାଣି । ଆଜିକାଲି ଲୋକମାନେ ତ ବେଳକୁ ବେଳ ବେଶି ଅପରାଧପ୍ରବଣ ହୋଇପଡୁଛନ୍ତି । ଦିନ ଦ୍ୱିପ୍ରହରରେ ମଧ୍ଧ ମାଡ଼ପିଟ୍, ଲୁଟ୍‌ତରାଜ, ହତ୍ୟା ଘଟଣା ସାଧାରଣ ହୋଇଗଲାଣି । ପିଲାମାନେ କାହିଁକି ଏପର୍ଯ୍ୟନ୍ତ ଫେରିଲେନି ? ଏହା ଭାବି ଭାବି ଉଭୟେ ପିତାମାତା ନ ଖାଇ ନ ପିଇ ସେମାନଙ୍କ ଅପେକ୍ଷାରେ ଥାଆନ୍ତି ।

ରାତି ଠିକ୍ ଦଶଟା ବେଳକୁ ଦୁଇଟି ମଟରସାଇକେଲ୍‌ରେ ଦୀପୁ ଓ ପିଙ୍କି ଏବଂ ପିଞ୍ଚୁ ଓ ବେବି ଘରକୁ ଫେରିଲେ । ଗେଟ୍ ପାଖରେ ଥିଲେ ପ୍ରଶାନ୍ତ । ଖୁବ୍ ରାଗିଯାଇ ପଚାରିଦେଲେ ତାଙ୍କ ପୁଅ ପିଞ୍ଚୁକୁ "କୁଆଡ଼େ ଯାଇଥିଲ ଏତେ ରାତିଯାଏଁ ? କହିକରି କାହିଁକି ଗଲନି ?" ପିଞ୍ଚୁ ଡରି ଡରି କହିଲା, "ବାବା, ଦୀପୁଭାଇର କାଲି ଜନ୍ମଦିନ ତ । ଆଜି ସିଏ ଆମକୁ କ୍ରାଉନ୍ ହୋଟେଲ୍‌ରେ ଖାଇବାକୁ ଡାକିଥିଲେ । ତୁମକୁ ଏ କଥା କହିପାରିଲୁନି କାଳେ ତୁମେ ଆଉ ବଡ଼ବାପା ଆମକୁ ଏକାଠି ଛାଡ଼ିବାପାଇଁ ନାରାଜ ହୋଇଥାଆନ୍ତ । ସରି ବାବା, ଆଗକୁ ଆଉ ଏମିତି ଭୁଲ କରିବୁନି ।" ପ୍ରକୃତରେ ଶିକ୍ଷା ଯଦି ବିବେକ ଜାଗ୍ରତ କରି ନ ପାରିଲା, ତେବେ ସେଭଳି ଶିକ୍ଷା ଦିଗଶୂନ୍ୟ ।

ସତେ ଅବା ପ୍ରଶାନ୍ତବାବୁଙ୍କ ସବୁ ରାଗରେ ହଠାତ୍ କିଏ ପାଣି ପକାଇଦେଲା... ପ୍ରଶାନ୍ତବାବୁ ନିଜ ପୁଅ ପିଞ୍ଚୁକୁ ଜାକି କୁଣ୍ଢେଇ ପକାଇଲେ । ଦୀପୁକୁ ମଧ୍ଧ ଆଉଁସି ପକାଇଲେ ସଜଳ ଆଖିରେ । କିଛି କହିବେ କହିବେ ହୋଇ କିଛି ବି କହି ପାରିଲେନି । କଣ୍ଠ ବାଷ୍ପରୁଦ୍ଧ ହେଲା । ଧୀରେ ଧୀରେ ପୁଅ ଝିଅଙ୍କ ସହ ଘର ଭିତରକୁ ଗଲେ । ମନୁଷ୍ୟ ଜୀବନରେ ଭୁଲଭଟକା ହେବା ତ ସ୍ୱାଭାବିକ କଥା । ମାତ୍ର ଭୁଲକୁ ସ୍ୱୀକାର କରି ଯଥାଶୀଘ୍ର ଠିକ୍ ରାସ୍ତାକୁ ଫେରିଆସିଲେ ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ । ସେ ପାଖେ ପ୍ରମୋଦବାବୁଙ୍କର ମଧ୍ଧ ସେହି ଅବସ୍ଥା । ସେ ମଧ୍ଧ ପିଲାଙ୍କ ସହ ଘର ଭିତରକୁ ଆସିଲେ । ବିଛଣାରେ ଶୋଇ ରହି ଛଟପଟ ହେବାକୁ ଲାଗିଲେ । ଭାବିଲେ; ସତେତ, ଆଗରୁ ପିଲାଙ୍କର ଜନ୍ମଦିନ ବଡ଼ ଧୂମ୍‌ଧାମ୍‌ରେ ପାଳିତ ହୁଏ । ବଡ଼ମାନଙ୍କର କଳିତକରାଳକୁ ନେଇ ପିଲାମାନେ କେତେ ଯେ ମର୍ମାହତ ତାହା ଆଜି ଜଣାପଡ଼ିଗଲା । ଆମ ପିଲାମାନଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ଅନାବିଳ ଭଲ ପାଇବାକୁ ଆମେ ବଡ଼ମାନେ ହିଁ ପଙ୍କିଳ କରୁଛୁ । ପ୍ରମୋଦ ଭାବିଲେ, "ଆମ ପିଲାମାନଙ୍କ ମାଧ୍ୟମରେ ଖୋଦ୍ ଭଗବାନ ଆସି ସତେ ଯେପରି ଆମକୁ ଉଚିତ ଶିକ୍ଷା ଦେଇଯାଇଛନ୍ତି ।" ବାସ୍ତବିକ୍ ଭାବନାରେ ବିଶାଳତା ଆସିଲେ କର୍ମ ବି ବିଶାଳ ହୁଏ ।

ରାତି ପାହିଲା । ନୂଆ ସକାଳର ନୂଆ ଆଲୋକ ଆଣିଦେଲା ଅନେକ କିଛି ପରିବର୍ତ୍ତନ । ବର୍ତ୍ତମାନ ସମୟ ହିଁ ହେଉଛି ପ୍ରକୃଷ୍ଟ ସମୟ, ତାର ଯଥାର୍ଥ ଉପଯୋଗ ଜରୁରୀ । ପ୍ରମୋଦ ଆଉ କାଳବିଳମ୍ବ ନକରି ଗଲେ ସାନଭାଇ ପ୍ରଶାନ୍ତ ପାଖକୁ । ପ୍ରଶାନ୍ତ ହୃଦୟରେ ମଧ୍ଧ ଏକାଭଳି ଆଲୋଡ଼ନ ସୃଷ୍ଟି ହୋଇଥିଲା । ଅଗ୍ନିଶିଖା ଯେପରି ଅଗ୍ନିକୁ ପ୍ରଜ୍ୱଳିତ କରେ, ହୃଦୟ ସେହିପରି ହୃଦୟର ସଂସ୍ପର୍ଶରେ ଆସିଲେ ପ୍ରଜ୍ୱଳିତ ହୋଇଉଠେ । ଦୁଇଭାଇ ପରସ୍ପରକୁ ଆଲିଙ୍ଗନ କଲାବେଳେ ନିଜ ନିଜ ପିଲାମାନଙ୍କ ନିକଟରେ ହାର ମାନିଛନ୍ତି ବୋଲି ଅନୁଭବ କଲେ । ବେଳେବେଳେ ଗୋଟିଏ ଛୋଟିଆ ନିଷ୍ପତ୍ତି ବି ଜୀବନର ଗତିପଥ ବଦଳାଇ ଦେଇଥାଏ । ଅନେକ ଦିନ ପରେ ଦୁଇ ଭାଇ ବସି ପୁଣିଥରେ ଏକତ୍ର ଚା ପାନ କଲେ । ଏହା ଥିଲା ପୁନର୍ମିଳନର ଅୟମାରମ୍ଭ ।

ମଧ୍ୟାହ୍ନ ଭୋଜନ ପ୍ରମୋଦଙ୍କ ଘରେ ହେଲା । ଦୁଇ ପିତାମାତଙ୍କ ଗହଣରେ ଚାରୋଟି ସନ୍ତାନ ବଡ଼ ଆନନ୍ଦ ଉଲ୍ଲାସରେ ରାତିରେ କ୍ୟାଣ୍ଡେଲ୍ ଲଗାଇଲେ, ଜନ୍ମଦିନ କେକ୍ କାଟିଲେ ଓ ଏକତ୍ର ଭୋଜନ କଲେ । ହୃଦୟର ମିଳନ ପାଇଁ ଇଟା, ସିମେଣ୍ଟର ପ୍ରାଚୀରଟି ଆଉ ପ୍ରତିବନ୍ଧକ ହୋଇପାରିଲା ନାହିଁ ।

**——ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩,*
*ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

## ମୃତିକା ସଂରକ୍ଷଣ ବିଭାଗର ଅଜବ ନୀତି, ମୁଖ୍ୟ ଫାଟକରେ ଝୁଲୁଛି ତାଲା



କେନ୍ଦୁଝର (ପିଏନ୍): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ସହକାରୀ ମୃତିକା ସଂରକ୍ଷଣ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କୋଠାଘର ନିର୍ମାଣ ହୋଇଛି । ଉକ୍ତ କାର୍ଯ୍ୟାଳୟଟି ୨୦୨୦ମସିହା ଡିସେମ୍ବର ମାସ ୨ତାରିଖ ଦିନ ଜଳବିଭାଜିକା (ପିଡି) ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । କେବଳ ଉଦ୍‌ଘାଟନ ଦିନ କାର୍ଯ୍ୟାଳୟର ମୁଖ୍ୟ ଗେଟ୍ ଖୋଲାଯାଇଥିଲା । ତା'ପରଦିନ ଠାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ଝୁଲୁଛି । ମୁଖ୍ୟ ଗେଟ୍‌ରେ ବର୍ଷ ବର୍ଷ ଧରି ତାଲା ଝୁଲୁଥିବା ସହ ଗେଟ୍ ସମ୍ମୁଖରେ ବିଦ୍ୟୁତ ଖୁଂଟ ଜମା କରି ରଖାଯାଇଛି । ମୁଖ୍ୟ ଗେଟ୍‌ରେ ତାଲା ପକାଇ ବିଭାଗୀୟ ଅଧିକାରୀମାନେ ଗଳାବାଟ ଦେଇ କାର୍ଯ୍ୟାଳୟକୁ ଯିବାଆସିବା କରୁଛନ୍ତି । ଫଳରେ କାର୍ଯ୍ୟାଳୟର ମୁଖ୍ୟରାସ୍ତାଟି ଲଟାବୁଦାରେ ଲୁଚିଯାଇଛି । ତେବେ ଜନସାଧାରଣ କିଛି କାମ ନେଇ କାର୍ଯ୍ୟାଳୟକୁ ଆସିଲା ବେଳେ ମୁଖ୍ୟ ଗେଟ୍‌ରେ ତାଲା ପଡିଥିବା ଦେଖି ନିରାଶ ହୋଇ ଘରକୁ ଫେରି ଯାଉଛନ୍ତି । ଏନେଇ ଝୁମ୍ପୁରାସ୍ଥିତ ମୃତିକା ସଂରକ୍ଷଣ ଓଭରସିୟର ସୁରେନ୍ଦ୍ରନାଥ ମହାନ୍ତଙ୍କ ମତାମତ ଲୋଡିବାରୁ ସେ କହିଲେ, ମୁଖ୍ୟ ଗେଟ୍ ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଂଟ ହଟାଇବା ସହ ଗେଟ୍ ଖୋଲାଯିବ ।

## ବେଆଇନ ଭାବେ ମାଟି ପରିବହନ କରୁଥିବା ୨ ଡର ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଧିନସ୍ଥ ଅନ୍ତିରା ପଂଚାୟତର ବାଘୁଆ ପାହାଡରୁ ବେଆଇନ ଭାବେ ମାଟି ପରିବହନ କରୁଥିବା ୨ଟି ଡର ଗାଡିକୁ ରାଜସ୍ୱ ନିରିକ୍ଷଙ୍କ ଦ୍ୱାରା ଜବତ କରାଯାଇଛି । ବାଘୁଆ ପାହାଡରୁ ବେଆଇନ ଭାବେ ମାଟି ଉତୋଳନ କରି ପରିବହନ କରୁଥିବା ଡର ଗାଡି ନଂ ଓଆର-୦୪ ଏଲ-୪୧୫୪ ଓ ଓଆର-୦୯-ଏମ-୮୪୭୫କୁ ବଳରାମପୁର ରାଜସ୍ୱ ନିରିକ୍ଷକ ଚନ୍ଦନ ସାହୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ । ମାତ୍ର ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ଉଭୟ ଡରକୁ ଜବତ କରାଯାଇ ଚଡେଇଧରା ଚେକ ପୋଷ୍ଟରେ ରଖାଯାଇଛି । ଗାଡି ଦୁଇଟିରୁ ଜରିମାନା ଆଦାୟ କରାଯାଇ ଛଡାଯିବ ବୋଲି ରାଜସ୍ୱ ନିରିକ୍ଷକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା



ଫୁଲନଖରା (ପିଏନ୍)-ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୩ ନମ୍ବର ଜୋନରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦ କୁମାର ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ମହୀଧରପଡ଼ା ମେଡ଼ିକାଲ ଛକରୁ ବାହାରି ଖଣ୍ଡାଗର, ବାଟପୁରଣ, ସନ୍ତୋଳ, ଅରଡ଼ିଆପଦା, ନଗରୀ, ସାଇଁଶୋ, ଗବବସ୍ତ, ଖନ୍ଦୋଳ, ଉଲ୍ଲାର, ପୁରୁଷୋତ୍ତମପୁର, ଅରିଲୋ, ରାହୁରା, ମହୁରା, ଭୁଆଁଳ ଆଦି ଗ୍ରାମ ପରିକ୍ରମା କରି ବାଇଁଲୋ ହାଟଠାରେ ଶେଷ ହୋଇଥିଲା । ଏହି ପଦଯାତ୍ରାରେ ବାରଙ୍ଗ ବ୍ଲକ ସଭାପତି ଗୋଲେଖଚନ୍ଦ୍ର ପାତ୍ର, ଯୁବ ବିଜେଡ଼ି ବ୍ଲକ ସଭାପତି ଶଶିଭୂଷଣ ଦାଶ, ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ, ସରପଞ୍ଚ ନରୋତ୍ତମ ଦାସ, ସରୋଜ ମହାପାତ୍ର, ପଦ୍ମିନୀ ପ୍ରଧାନ, ରୋହିଣୀ ଭୋଇ, ସତ୍ୟବ୍ରତ ଜେନା, ତାହିଦ ଖାଁ, ଅଶୋକ ରଥ, କୃଷ୍ଣଚନ୍ଦ୍ର ମଲିକ, ବୈକୁଣ୍ଠ ବେହେରା, ଅଜୟ ବିଶ୍ୱାଳ, ସସ୍ମିତା ବେହେରା, ବିପ୍ଳବ ଯାଦବ, ରଂଜନା ପାତ୍ର, ସାଧନା ଜେନା, ଗଗନବିହାରୀ ଜେନା, ବିଶ୍ୱରଂଜନ ସାହୁ, ମୁସ୍ତାକ ଖାଁ, ପ୍ରଣବ ପଟ୍ଟନାୟକ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସାଇ ବାବା ପ୍ରଣାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଜାତୀୟସ୍ତରୀୟ ଖବରକାଗଜ ସମାଜ ଆଇନା ପ୍ରାୟୋଜିତ ଓ ବୀଣାପାଣି ନାଟ୍ୟସଂସ୍ଥା ସାଂସ୍କୃତିକ କାର୍ଯ୍ୟକ୍ରମ 'ସାଇ ବାବା ପ୍ରଣାମ' ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଯୋଜନା ବୋର୍ଡର ସଦସ୍ୟ ତଥା ବରିଷ୍ଠ କବି ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ସୁପ୍ରିମକୋର୍ଟର ଆଇନଜୀବୀ ଯୋଗଦେଇ ସାଇବାବାଙ୍କ ମହିମା ଓ ମହନୀୟ କାର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ଶିରିଡି ସାଇବାବା ସର୍ବଦା ଲୋକମାନଙ୍କୁ ଭଲପାଇବାର ବାର୍ତା ଦେବା ସହିତ ସେବାକାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ । ବାବାଙ୍କ ନାମ ଧରିଲେ ସବୁ ବିପଦ ଦୂରେଇଯାଏ ଓ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଯାଏ । ସେଥିପାଇଁ ସାରାବିଶ୍ୱରେ ସାଇବାବାଙ୍କ ଗାଥା ପ୍ରଚାର ଓ ପ୍ରସାର ହୋଇଚାଲିଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାଇବାବାଙ୍କ ମହିମା ଉପରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ସ୍ୱାଇଁ ଏବଂ ସାଥି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା 'ସମାଜ ଆଇନା ଓ ସ୍ପିଡି ନ୍ୟୁଜ'ର ସମ୍ପାଦକ ମନୋଜ କୁମାର ସେଠ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ବୃନ୍ଦନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବୀଣାପାଣି ନାଟ୍ୟସଂସ୍ଥା ସମ୍ପାଦକ ତଥା ସୂଚନା ଅଧିକାରୀ କର୍ମୀ ବିଚିତ୍ର ମଲିଆ ଧନ୍ୟବାଦ ଅର୍ପଣ କରିଥିଲେ । ଭଞ୍ଜନଗରରୁ ଆସିଥିବା କଳକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଦୀନବନ୍ଧୁ ମଲିଆ ଓ ଅଭୟ ମଲିଆଙ୍କ ସଂଯୋଜନାରେ ସାଇବାବାଙ୍କ ଭଜନ ପରିବେଷଣ ହୋଇଥିଲା । ସେବାମୂଳକ କାର୍ଯ୍ୟ କରିଥିବା ପ୍ରତିଭାମାନଙ୍କୁ ସାଇ ଶ୍ରଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ବାଣ ନୁହେଁ, ମିଠାରେ ପାଳିଲେ ଦୀପାବଳୀ



ଭୁବନେଶ୍ୱର (ପିଏନ୍): ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ଯୁକ୍ତ ମିଠାରେ ମହକିଲା ଆଦିବାସୀ ପଲ୍ଲୀ । ବାଣ ଫୁଟାଇବା ପରିବର୍ତ୍ତେ ମିଠାରେ ଆଲୋକର ପର୍ବକୁ ଅତି ସୁନ୍ଦର ଓ ନିରାଡ଼ମ୍ବର ଭାବେ ପାଳନ କରି ଖୁସି ବାଣ୍ଟିଛନ୍ତି ରାଜଧାନୀ ଉପକଣ୍ଠରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ବାସିନ୍ଦା । ସୂଚନାଯୋଗ୍ୟ, ଭୁବନେଶ୍ୱରରେ ରହୁଥିବା ସାମାଜିକ କର୍ମୀ ସନ୍ତୋଷୀ ଜୈନ ପ୍ରତିବର୍ଷ ପରିବାର ସହ ମିଶି ଦୀପାବଳୀରେ ବାଣ ଫୁଟାଇଥାନ୍ତି । ଅନେକ ଟଙ୍କା ବି ଏଥିପାଇଁ ସେ ଖର୍ଚ୍ଚ କରିଥାନ୍ତି । ଚଳିତବର୍ଷ ପରିବାର ସଦସ୍ୟମାନଙ୍କ ନିଷ୍ପତ୍ତି କ୍ରମେ ସାରା ପରିବାର ସବୁଜ ଦୀପାବଳୀ ପାଳନ ପାଇଁ ସଂକଳ୍ପ କରି ଅଣ୍ଟା ଭିଡ଼ି ଆଗେଇ ଆସିଥିଲେ ଏହି ଆଦିବାସୀ ପଲ୍ଲୀକୁ । ଶ୍ରୀମତୀ ଜୈନ କୁହନ୍ତି କ୍ଷଣିକ ଖୁସି ପାଇଁ ଆମେ ସାଧାରଣତଃ ଦୀପାବଳୀରେ ବାଣ ଫୁଟାଇଥାଉ । କିନ୍ତୁ ପରବର୍ତ୍ତୀ ସମୟରେ ଆମେ ଅନେକ ମାରାତ୍ମକ ରୋଗକୁ ଆମନ୍ତ୍ରଣ କରିବା ସହ ପରିବେଶକୁ ଉଜାଡ଼ି ଦେଇଥାଉ । ପରିବେଶ ବ□ିଲେ, ଆମେ ବ□ିବା । ସଂପ୍ରତି ପରିବେଶର ସୁରକ୍ଷା ନିତାନ୍ତ ଜରୁରୀ । ଏହି ଅବସରରେ ପଲ୍ଲୀରେ ଲଡୁ, ଜିଲାପି, ବିସ୍କୁଟ ଇତ୍ୟାଦି ବଣ୍ଟନ କରିବା ସହ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବିଦ୍ୟାର୍ଥୀମାନଙ୍କୁ ଖାତା, କଲମ, ପେନ୍‌ସିଲ୍ ଇତ୍ୟାଦି ପାଠ୍ୟ ଉପକରଣ ୧ବର୍ଷ ଲାଗି ଯୋଗାଇ ଦିଆଯାଇଥିଲା । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ସହଯୋଗ କରିଥିଲେ । ସାମାଜିକ କର୍ମୀଙ୍କ ଏତାଦୃଶ କାର୍ଯ୍ୟକୁ ଗ୍ରାମବାସୀମାନେ ପ୍ରଶଂସା କରିବା ସହ ସ୍ଥାନୀୟ ସରପ□ ବିଷ୍ଣୁପ୍ରସାଦ ଡେଙ୍ଗ ସାଧୁବାଦ ଜଣାଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୦୨

# —ଦିବ୍ୟ ଭଗବାନ—





ଭଗବାନ ସଂସାରର ଏ ବିରାଟ ନାଟକର ପରିଚାଳକ। ସେ ଲୋକ ନାଟକ ସୂତ୍ରଧାରୀ ଦିବ୍ୟ ଭଗବାନ। ସୂତ୍ରଧରି ସଂସାରର ଏ କଣ୍ଢେଇ ନାଚ ସେ ପରିଚାଳନା କରନ୍ତି। ମାତ୍ର ସୂତ୍ରଧର କେବେହେଲେ ପ୍ରକୃତ ରୂପକ ପରଦା ଆଢ଼େଇ ଆଗକୁ ଆସନ୍ତି ନାହିଁ। ତେଣୁ ପରଦା ପଛରେ ଥିବା ଈଶ୍ୱରଙ୍କୁ ଦେଖିବାକୁ ହେଲେ ଦୃଷ୍ଟିକୁ ଅନ୍ତର୍ମୁଖୀ କରିବା। ଯାହାଦ୍ୱାରା ତାଙ୍କୁ ଦେଖିପାରିବା। ଦୃଷ୍ଟିକୁ ଅନ୍ତର୍ମୁଖୀ କରିବା ସକାଶେ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ଦରକାର। ସତ୍ୟସନ୍ଧ ହେବା, ଅସତ୍ୟକୁ ସତ୍ୟ ବୋଲି ଗ୍ରହଣ କରିବାନାହିଁ। ଶ୍ରବଣ, ମନନ ଏବଂ ନିଦିଧ୍ୟାସନ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଏକାନ୍ତ ଆବଶ୍ୟକ। ଖାଦ୍ୟ ପ୍ରସ୍ତୁତ କରିବା ଶ୍ରବଣ, ତାକୁ ଖାଇବା ମନନ ଓ ହଜମ ହୋଇ ସାରିଲେ ତାହା ଦେହରେ ଶକ୍ତି ସଂଚାର କରେ, ତାହା ନିଦିଧ୍ୟାସନ। ସେହିପରି ଯାହା ଶୁଣିଲେ ସେ ସବୁ ଜୀବନରେ ପାଳନ ନକଲେ ଆଧ୍ୟାତ୍ମିକ ଜୀବନ ସଫଳ ହୁଏନାହିଁ। ଶ୍ରବଣ, ମନନ ଓ ନିଦିଧ୍ୟାସନ ନିମନ୍ତେ କୌଣସି ବୟସ ସୀମା ନାହିଁ। ମାନବତ୍ୱରୁ ଦୈବତ୍ୱକୁ ଯିବାକୁ ପ୍ରସ୍ତୁତ ହେବା। ଏଥିପାଇଁ କୁଆଡ଼େ ଦୂରବାଟ ଯିବାକୁ ପଡ଼ିବ ନାହିଁ। ଗଛରେ ଯେତେବେଳେ ଫୁଲଟିଏ ଫୁଟେ, ସେତେବେଳେ ଫଳ କେଉଁଠି ଅଛି ଖୋଜିବା ଦରକାର ପଡ଼େ କି? ସେଇ ଫୁଲଟି କ୍ରମଶଃ ଫଳରେ ପରିଣତ ହୁଏ। ଫଳ ବଢ଼ି ପାକଳ ହୁଏ ଏବଂ ଯଥା ସମୟରେ ପାଚିଯାଏ। ସେତେବେଳେ ଫଳ ମଧୁର ରସରେ ପରିପୂର୍ଣ୍ଣ ହୋଇଯାଏ। ଏଇ ରସ ଆସ୍ୱାଦନ କରିବା ପାଇଁ ଆମେ ଫୁଲକୁ ପାଚିଲା ଫଳ କରିବା ପର୍ଯ୍ୟନ୍ତ କ'ଣ ଚେଷ୍ଟା କରିଥିଲୁ କି? ଏହା ଆପେ ଆପେ ହୁଏ। ଆମକୁ ଖାଲି ଫୁଲକୁ ଓ ପାକଳ ଫଳକୁ ଜଗିବାକୁ ପଡ଼େ, ଯେମିତି ଏହା କୌଣସି କାରଣରୁ ନଷ୍ଟ ହୋଇ ନଯାଏ। ତାହାହେଲେ ସ୍ୱାଭାବିକ ଏବଂ ପ୍ରାକୃତିକ ଉପାୟରେ ସେ ଫଳ ମଧୁର ରସରେ ପରିପୂର୍ଣ୍ଣ ହୋଇଯାଏ। ସେହିପରି ଦୈବତ୍ୱ ଲାଭ କରିବାକୁ ଆମକୁ କୁଆଡ଼େ ଯିବାକୁ ପଡ଼ିବ ନାହିଁ। ମାନବତ୍ୱକୁ ଉତ୍ତମ ରୂପେ ସୁରକ୍ଷା କରିବା। ଦାନବତ୍ୱ ଯେମିତି ତାକୁ ନଷ୍ଟ କରି ନଦିଏ। ମାନବ ତାହାର ସହଜ ସ୍ୱାଭାବିକ ଧର୍ମରେ ବଢ଼ି ବଢ଼ି ମାଧବରେ ପରିଣତ ହେବ। ଫୁଲଟିଏ ପାଚିଲା ଫଳରେ ପରିଣତ ହେବା ଯେମିତି କୌଣସି ଇନ୍ଦ୍ରଜାଲ ନୁହେଁ, ମଣିଷ ଦେବତାରେ ପରିଣତ ହେବା ସେମିତି କୌଣସି ଭୋଜ ବିଦ୍ୟା ନୁହେଁ। ଏହା ସ୍ୱାଭାବିକ। ଶାସ୍ତ୍ରରେ କଥିତ ଅଛି ଯେ, ଆମେ ଯାହା ପ୍ରାର୍ଥନା କରୁଥାଉ ତାହା ପୂରଣ ହେବ, ଯାହାର ଅନୁସନ୍ଧାନ କର ତାହା ମିଳିଯିବ, ରୁଦ୍ଧ ଦ୍ୱାରରେ ଆଘାତ କର ତାହା ଖୋଲିଯିବ। ମାତ୍ର ଲୋକମାନେ ଆପତ୍ତି କରନ୍ତି ଯେ ଡାକି ଡାକି ଥକିଲେ ମଧ ଭଗବାନ ଦିଶୁ ନାହାନ୍ତି, ଖୋଜି ଖୋଜି ବିକଳ ହେଲେ ମଧ ଶାନ୍ତି ପାଉନାହାଁନ୍ତି। କବାଟ ବାଡ଼େଇ ବାଡ଼େଇ ହାଲିଆ ହେଲେ ମଧ ମୁକ୍ତିର ବାଟ ଖୋଲା ନାହିଁ। କିନ୍ତୁ ଆମେ କରୁଛ କ'ଣ? ଆମେ ମାଗୁଛ ପଦାର୍ଥ, ପରାର୍ଥ ନୁହେଁ, ମାଗୁଛ ପ୍ରକୃତି, ଭଗବାନ ନୁହେଁ, ମାଗୁଛ ଦାନବ, ମାଧବ ନୁହେଁ। ଆଉ ଖୋଜୁଛ କ'ଣ? ଆମେ ଖୋଜୁଛ ରୌଦ୍ର, ସାତ୍ତ୍ୱିକତା ନୁହେଁ। ଖୋଜୁଛ ପ୍ରତିପତ୍ତି ଓ ମାନ, ବିନୟ ବା ସାଧୁତା ନୁହେଁ। ଆଉ ଶେଷରେ ମୋକ୍ଷ ଦ୍ୱାରରେ ନ ପହଞ୍ଚି ନର୍କ ଦ୍ୱାରରେ ମୋକ୍ଷ ପାଇଁ କବାଟରେ ଆଘାତ କରୁଛ। ତେବେ ଯାହା ଚାହୁଁଛ ତାହା ପାଇବ କିପରି? ଯଦି ମାଧବଙ୍କୁ ଚାହିଁ, ସତ୍ତ୍ୱଗୁଣ, ବିନୟ ଓ ସାଧୁତାର ଅଧିକାରୀ ହେବାକୁ ଇଚ୍ଛା କରିବା, ଯଦି ମୋକ୍ଷ ପାଇବାକୁ ଅଭିଳାଷ ରଖିବା, ତେବେ ଯଥା ସ୍ଥାନରେ ଉପଯୁକ୍ତ ବ୍ୟକ୍ତିଙ୍କୁ ମାର୍ଗ ପ୍ରାର୍ଥନା କରିବା ଓ ତାହା ହିଁ ପାଇବା।

**-ସୌରଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୦୦୪୪୬୬, 'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ, ଇ-ମେଲ: soura999mohapatra@gmail.com**

## ଆଜିର ଅନୁଚିନ୍ତା

**ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଇସ୍ରୋର ନବ ଦୀପାବଳି

**ସୌମେନ୍ଦ୍ର ଜେନା**



ଦୀପାବଳୀ ଉତ୍ସବ ପୂର୍ବରୁ ଭାରତର ଅନ୍ତରୀକ୍ଷ ଗବେଷଣା ସଂସ୍ଥା ଇସ୍ରୋ ନିଜର ନବ ସଫଳତା ମାଧ୍ୟମରେ ଦୀପାବଳି ପାଳନ କରିଛି । ମହାକାଶରେ ଏହି ଦୀପାବଳିକୁ ଦେଶ ବିଦେଶରେ ବହୁ ଲୋକେ ସିଧାସଳଖ ଦେଖିବାର ସୁଯୋଗ ପାଇଛନ୍ତି । ପ୍ରଥମଥର ପାଇଁ ସଂସ୍ଥା ବାଣିଜ୍ୟିକ ମିଶନ ଏଲଏମ୍‌ଭି-୩ ଏମ୍ ୨ ମାଧ୍ୟମରେ ସଫଳତା ଲାଭ କରିଛି । ଅକ୍ଟୋବର ୨୨-୨୩ ତାରିଖର ମଧ୍ୟରାତ୍ରୀ୧୨.୦୭ ମିନିଟରେ ଜିଏସ୍‌ଏଲ୍‌ଭି ଏମ୍‌କେ-୩ ଦ୍ୱାରା ଏକକାଳୀନ ୩୬ଟି ବିଦେଶୀ ଉପଗ୍ରହ ସଫଳତାର ସହ ଅନ୍ତରୀକ୍ଷରେ କକ୍ଷ ପଥରେ ସ୍ଥାପନ କରାଯାଇଛି । ବ୍ରିଟେନର ସଞ୍ଚାର ନେଟୱର୍କ ୱାନ୍‌ୱେବ ପକ୍ଷରୁ ନିର୍ମିତ ୩୬ଟି ଉପଗ୍ରହକୁ ଇସ୍ରୋ ପ୍ରଥମଥର ପାଇଁ ବାଣିଜ୍ୟିକ ଠିକା ଭିତ୍ତିରେ ମହାକାଶକୁ ଛାଡିଥିଲା । ପ୍ରଥମେ ଏହି ଉପଗ୍ରହଗୁଡିକୁ ରୁଷିଆର ଅନ୍ତରୀକ୍ଷ ସଂସ୍ଥା ରୋସ୍‌କସ୍‌ମସ୍ ମହାକାଶକୁ ଛାଡିବାକୁ ସ୍ଥିର ହୋଇଥିଲା । କିନ୍ତୁ ୟୁକ୍ରେନ-ରୁଷିଆ ଯୁଦ୍ଧ ହେବାପରେ ବ୍ରିଟେନ ସରକାର ରୁଷିଆ ବିରୁଦ୍ଧରେ ଯିବାରୁ ସେହି କାର୍ଯ୍ୟକ୍ରମକୁ ରୁଷିଆ ରଦ୍ଦ କରିଦେଲା । ଫଳରେ ସେହିସବୁ ଉପଗ୍ରହକୁ ମହାକାଶରେ ଅବସ୍ଥାପିତ କରିବା ଲାଗି ୱାନୱେବ ସଂସ୍ଥା ଇସ୍ରୋର ବାଣିଜ୍ୟିକ କାର୍ଯ୍ୟ ବୁଝୁଥିବା ନ୍ୟୁସ୍ପେସ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏମ୍‌ଆଇଏଲ୍) ସହ ଯୋଗାଯୋଗ କରିଥିଲେ । ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ କେନ୍ଦ୍ରରୁ ଏସବୁ ଉତ୍‌କ୍ଷେପଣ ପାଇଁ ବ୍ୟବସାୟିକ ବୁଝାମଣା ହୋଇଥିଲା ।

ଆନ୍ତର୍ଜାତିକ ସ୍ତରୀୟ କମ୍ପାନୀ ୱାନ ୱେବ ମୋଟ ୬୪୮ଟି ଉପଗ୍ରହ ଛାଡିବାର ଯୋଜନା ରଖିଛି । ୨୦୨୩ ଶେଷ ସୁଦ୍ଧା ବିଶ୍ୱରେ ବ୍ରଡବାଣ୍ଡ ସେବା ଏହି କମ୍ପାନୀ ଯୋଗାଇବାକୁ କାର୍ଯ୍ୟ କରୁଛି । ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନଠାରେ ଥିଲାବେଳେ ଶାଖାସବୁ କାଲିଫର୍ଣ୍ଣିଆ, ଫ୍ଲୋରିଡା, ଭର୍ଜିନିଆ, ଦୁବାଇ ଏବଂ ସିଙ୍ଗାପୁର ସହରରେ ରହିଛି । ୨୭ ଫେବୃଆରୀ ୨୦୧୯ରେ ଏହାର ପ୍ରଥମ ଉତ୍‌କ୍ଷେପଣ ଆରମ୍ଭ ହୋଇଥିଲା । ପ୍ରଥମେ ୬ଟି ଉପଗ୍ରହକୁ ଛଡାଯାଇଥିଲା । ଫେବୃଆରୀ ୨୦୨୦ରେ ୩୪ଟି ଉପଗ୍ରହ, ମାର୍ଚ୍ଚ ୨୦୨୦ରେ ୩୪ଟି ଉପଗ୍ରହ ଛଡାଯାଇଥିଲା । ଏୟାରବସ ଏବଂ ୱାନୱେବର ଏହା ମିଳିତ ପ୍ରୟାସ । ଉପଗ୍ରହଗୁଡିକ ପୃଥିବୀଠାରୁ ୧୨୦୦ କିମି ମଧ୍ୟରେ ସ୍ଥାନ ପାଇବ । ଇଣ୍ଟରନେସନାଲ ଟେଲି-କମ୍ୟୁନିକେଶନ ୟୁନିଅନ (ଆଇଟିୟୁ)ଠାରୁ ଅନୁମତି ଲାଭକଲା ପରେ କମ୍ପାନୀ ମାର୍ଚ୍ଚ ୨୦୨୦ପରେ ୭୪ଟି ଉପଗ୍ରହ ଛାଡିଥିଲା । କିନ୍ତୁ କୋରୋନା କାଳରେ କମ୍ପାନୀର ବହୁ କ୍ଷତି ହେବା ଯୋଗୁ ଦେବାଳିଆ ସ୍ଥିତିରୁ ମୁକୁଳିବା ପାଇଁ ଆର୍ଥିକ ସୁରକ୍ଷା ପାଇବାଲାଗି ଉଦ୍ୟମ କରିଥିଲା । ନଭେମ୍ବର ୨୦୨୦ରେ ବ୍ରିଟେନ ସରକାର ଏବଂ ଭାରତୀ ଗ୍ଲୋବାଲକୁ ଅଂଶଧନ ବିକ୍ରିପରେ ସମସ୍ୟାର ସମାଧାନ ହୋଇଥିଲା । ଡିସେମ୍ବର ୨୦୨୦ ପରଠାରୁ ସଂସ୍ଥା ଅଧିକ ୭୨ଟି ଉପଗ୍ରହ ସାଇବେରିଆର ଭୋଷ୍ଟୋଚନୀରୁ ୨୫ ମାର୍ଚ୍ଚ ଏବଂ ୨୬ ଏପ୍ରିଲ ୨୦୨୧ରେ ଛାଡିଲା । ୧ ଜୁଲାଇ ୨୦୨୧ରେ ୩୬ଟି ଉପଗ୍ରହ ଛାଡିଲା । ତେବେ ୨୩ ଅକ୍ଟୋବର ୨୦୨୨ ସୁଦ୍ଧା ସଂସ୍ଥା ୪୬୨ଟି ଉପଗ୍ରହ ସ୍ପେସ ସେଣ୍ଟର ଫ୍ଲୋରିଡା (ଆମେରିକା), ୨୦୨୩ରେ ସେହି କେନେଡି ସ୍ପେସ ସେଣ୍ଟରରୁ ଦୁଇଥର ଏବଂ ଫେବୃଆରୀ ୨୦୨୩ରେ ଶ୍ରୀହରିକୋଟାରୁ ଅବଶିଷ୍ଟ ଉପଗ୍ରହ ସଂସ୍ଥା ପକ୍ଷରୁ ମହାକାଶକୁ ଛଡାଯିବ । ୧୫୦ କିଲୋଗ୍ରାମ ବିଶିଷ୍ଟ ୩୬ଟି ଉପଗ୍ରହର ମୋଟ ୫୭୯୬ କିଲୋଗ୍ରାମ ଓଜନକୁ ୪୩.୫ ମିଟର ଦୀର୍ଘ ରକେଟ ସାହାଯ୍ୟରେ ଶ୍ରୀହରିକୋଟାରୁ ମହାକାଶକୁ ଛଡାଯାଇଥିଲା । ତେବେ ଜିଏସ୍‌ଏଲ୍‌ଭି ଏମ୍‌କେ-୩ ଦ୍ୱାରା ୮୦୦୦ କିଗ୍ରା ଓଜନର ଉପଗ୍ରହ ଏକକାଳୀନ ମହାକାଶକୁ ଛଡାଯାଇପାରିବ ।

ଜିଏସ୍‌ଏଲଭି ବା ଜିଓସିଙ୍କ୍ରୋନାଇଜଡ ଲଞ୍ଚ ଭେହିକିଲ -ଏମ୍‌କେ ୩ର ଏହି ଅଭିଯାନ ପ୍ରଥମ ଥର ପାଇଁ ଥିଲା । ପୂର୍ବରୁ ୧୮ ଡିସେମ୍ବର ୨୦୧୪ରେ ଏହାର ପ୍ରଥମ ଅଭିଯାନ ପରୀକ୍ଷାମୂଳକ ଥିଲା । ଦ୍ୱିତୀୟଥର ପାଇଁ ୫ ଜୁନ୍ ୨୦୧୭ରେ ଏହାକୁ ଜିସାଟ -୧୯ ଛାଡିବାଲାଗି ବ୍ୟବହାର କରାଯାଇଥିଲା । ସେହିପରି ତୃତୀୟ ଅଭିଯାନ ୧୪ ନଭେମ୍ବର ୨୦୧୮ରେ ଜିସାଟ୍-୨୯ ଉପଗ୍ରହକୁ ମହାକାଶ ପଥରେ ସ୍ଥାପିତ କରିବାଲାଗି ଉପଯୋଗ କରାଯାଇଥିଲା।। ଏହାର ଚତୁର୍ଥ ଅଭିଯାନ ୨୨ ଜୁଲାଇ ୨୦୧୯ରେ ଶ୍ରୀହରିକୋଟାରୁ ଚନ୍ଦ୍ରଯାନ-୨ ଉତ୍‌କ୍ଷେପଣ ବେଳେ ବ୍ୟବହାର କରାଯାଇଥିଲା।

୧୯୬୯ରେ ଇସ୍ରୋ ସଂସ୍ଥା ପ୍ରଥମେ ଗଠନ କରାଯାଇଥିଲା । ୭ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ଇସ୍ରୋର ୮୪ଟି ମହାକାଶ ଅଭିଯାନ ମଧ୍ୟରେ ୬୭ଟି ସଫଳ, ୫ଟି ଆଂଶିକ ସଫଳ, ୧୦ଟି ବିଫଳ ହୋଇଥିଲା । ନିଜସ୍ୱ ଅଭିଯାନ ଛଡା ୧୦୦ରୁ ଅଧିକ ବିଦେଶୀ ମିଶନରେ ମଧ ସଂସ୍ଥା ସାମିଲ ରହିଆସିଛି । ଆମେରିକାର ଅନ୍ତରୀକ୍ଷ ସଂସ୍ଥା ନାସା ଏବଂ ୟୁରୋପର ମହାକାଶ ସଂସ୍ଥା ୟୁରୋପିଆନ ସ୍ପେସ ଏଜେନ୍ସୀ ଏବଂ ରୁଷିଆନ୍ ସ୍ପେସ ଏଜେନ୍ସୀ ରୋସ୍‌କସ୍‌ମସ୍ ଆର୍ଥିକ ଦୃଷ୍ଟିରୁ ଅଧିକ ସମୃଦ୍ଧ ହେଲେ ହେଁ ସଫଳତା ଦୃଷ୍ଟିରୁ ଇସ୍ରୋ ଆଗରେ ରହିଛି । ନିଜସ୍ୱ ମିଶନ ବ୍ୟତିରେକ ଅନ୍ୟାନ୍ୟ ୧୦୦ ବିଦେଶୀ ମିଶନରେ ଇସ୍ରୋ ସାମିଲ ହୋଇଛି ।

ଉପଗ୍ରହ ଉତ୍‌କ୍ଷେପଣ ବଜାରରେ ଭାରତର ବ୍ୟବସାୟ ବୃଦ୍ଧି ଲକ୍ଷ୍ୟରେ ୬ ମାର୍ଚ୍ଚ ୨୦୧୯ରେ କମ୍ପାନୀ ଆଇନ ଅନୁଯାୟୀ ନିଉ ସ୍ପେସ ଇଣ୍ଡିଆ ଲିମିଟେଡ ନାମକ କମ୍ପାନୀ ଗଠନ କରାଯାଇଥିଲା । ଏହା ମହାକାଶ ବିଭାଗ ଅଧିନରେ ହିଁ ରହିଛି । ଏହି ସଂସ୍ଥାକୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହା ଏହିପରି (କ) ଶିଳ୍ପସଂସ୍ଥା ମାଧ୍ୟମରେ ପୋଲାର ସାଟେଲାଇଟ ଲଞ୍ଚ ଭେହିକିଲ (ପିଏସ୍‌ଏଲ୍‌ଭି) ଏବଂ ସ୍ମଲ ସାଟେଲାଇଟ ଲଞ୍ଚ ଭେହିକିଲ (ଏସ୍‌ଏସ୍‌ଏଲ୍‌ଭି)ର ନିର୍ମାଣ କରିବା, (ଖ) ଅନ୍ତରୀକ୍ଷ ଆଧାରିତ ସେବା ପାଇଁ ନିର୍ମାଣ ଏବଂ ବ୍ୟବସାୟ ବୃଦ୍ଧି କରିବା, ସେଥିରେ ଯେମିତି ସେବା ଆଧାରିତ ଟ୍ରାନସ୍‌ପୋଣ୍ଡର ଲିଜ୍ ଦେବା (ଭଡା), ରିମୋଟ ସେନ୍‌ସିଂ ସହ ଅନ୍ତରୀକ୍ଷକୁ ଉପଗ୍ରହ ଛାଡିବା ଲାଗି ସେବା ଯୋଗାଇ ଦେବା ରହିଛି । (ଗ) ଗ୍ରାହକଙ୍କ ବରାଦ ଅନୁଯାୟୀ ଉପଗ୍ରହ ନିର୍ମାଣ କରିବା (ଯୋଗାଯୋଗ ଏବଂ ନିରୀକ୍ଷଣ ଦୁଇପ୍ରକାରର), (ଘ) ଅନ୍ତରୀକ୍ଷ ବିଭାଗର ଅନୁଷ୍ଠାନ ଏବଂ ଇସ୍ରୋ ଦ୍ୱାରା ପ୍ରସ୍ତୁତ ଜ୍ଞାନକୌଶଳକୁ ହସ୍ତାନ୍ତର କରିବା , (ଙ) ଇସ୍ରୋର କାର୍ଯ୍ୟ ବାହାରେ ରହି ବାଣିଜ୍ୟ ବୃଦ୍ଧି ପାଇଁ ପ୍ରୟାସ କରିବା, (ଚ) ପରାମର୍ଶ ସେବା ଯୋଗାଇଦେବା ରହିଛି । କାରଣ ଇସ୍ରୋ ଅଧିନରେ ଏବେ ଅନେକଗୁଡିଏ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ତନ୍ମଧ୍ୟରେ ଡେଭଲପମେଣ୍ଟ ଏଣ୍ଡ୍ ଏଜୁକେସନାଲ କମ୍ୟୁନିକେସନ ୟୁନିଟ (ଡେସୁ), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିମୋଟ ସେନ୍‌ସିଂ (ଆଇଆଇଆର୍‌ଏସ୍), ଇସ୍ରୋ ଇନର୍ସିଆଲ ସିଷ୍ଟମ ୟୁନିଟ୍ (ଆଇଆଇଏସୟୁ), ଇସ୍ରୋ ପ୍ରପୁଲସନ କଂପ୍ଲେକ୍ସ (ଆଇପିଆରସି), ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଏଣ୍ଡ୍ କମାଣ୍ଡ ନେଟୱାର୍କ (ଇସଟ୍ରାକ), ଲାବୋରେଟୋରୀ ଅଫ୍ ଇଲେକ୍ଟ୍ରୋଅପଟିକ୍ସ ସିଷ୍ଟମ୍ସ (ଲିଓସ), ଲିକ୍ୟୁଇଡ ପ୍ରପୁଲସନ ସିଷ୍ଟମ ସେଣ୍ଟର (ଏସ୍‌ପିଏସ୍‌ସି), ନେସନାଲ ରିମୋଟ ସେନ୍ସିଂ ସେଣ୍ଟର (ଏନ୍‌ଆର୍‌ଏସ୍‌ସି), ସତୀଶ ଧାୱନ ସ୍ପେସ ସେଣ୍ଟର (ଏସ୍‌ଡିଏସ୍‌ସି), ସ୍ପେସ ଆପ୍ଲିକେସନ ସେଣ୍ଟର (ଏସ୍‌ଏସି), ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍‌ଏସ୍‌ସି), ବିକ୍ରମ ସରାଭାଇ ସ୍ପେସ ସେଣ୍ଟର (ଭିଏମ୍‌ଏସ୍‌ସି), ଇନ-ସ୍ପେସ, ସିପିଏସ୍‌ଇଏସ୍, ଆଣ୍ଟ୍ରିକ୍ସ କର୍ପୋରେସନ ଲିମିଟେଡ୍ ପ୍ରମୁଖ । ଏହାଛଡା ସ୍ୱାଧୀନ ଅନୁଷ୍ଠାନଗୁଡିକ ମଧ୍ୟରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପେସ ସାଇନ୍ସ ଏଣ୍ଡ୍ ଟେକ୍‌ନୋଲୋଜି (ଆଇଆଇଏସ୍‌ଟି), ନେସନାଲ ଏଟମୋସଫେରିକ ରିସର୍ଚ୍ଚ ଲାବୋରେଟୋରୀ (ଏନ୍‌ଆର୍‌ଏଲ୍), ନର୍ଥ ଇଷ୍ଟର୍ଣ୍ଣ ସ୍ପେସ ଆପ୍ଲିକେସନ୍ସ ସେଣ୍ଟର-୧, ଫିଜିକାଲ ରିସର୍ଚ୍ଚ ଲାବୋରେଟୋରୀ ଆଦି ରହିଛି । ଇସ୍ରୋର ମୁଖ୍ୟ କାର୍ଯ୍ୟାଳୟ ଅନ୍ତରୀକ୍ଷ ଭବନ, ନିଉବେଲ ରୋଡ, ବେଙ୍ଗାଲୁରୁ (୫୬୦୦୯୪) କର୍ଣ୍ଣାଟକଠାରେ କାର୍ଯ୍ୟ କରୁଛି ।

ଏସବୁ ସଫଳତା ବାଦ ସଂପ୍ରତି ଆମେରିକାର ଜିପିଏସ୍ ବ୍ୟବସ୍ଥା ବଦଳରେ ନାଭିକ ବ୍ୟବସ୍ଥାକୁ ଭାରତରେ ପ୍ରଚଳିତ କରିବାକୁ ଇସ୍ରୋର ପ୍ରୟାସ ଜାରି ରହିଛି । ଏଥିପାଇଁ ଆବଶ୍ୟକ ମୋବାଇଲ ବ୍ୟବସ୍ଥାକୁ ବଦଳାଇବା ପାଇଁ ସରକାର ମୋବାଇଲ କମ୍ପାନୀକୁ ଜାନୁଆରୀ ୨୦୨୩ ପର୍ଯ୍ୟନ୍ତ ସମୟ ଦେଇଥିଲେ ହେଁ ଏସବୁ ୨୦୨୫ ସୁଦ୍ଧା ହୋଇପାରିବ ବୋଲି କମ୍ପାନୀମାନେ କହିଛନ୍ତି । ଇସ୍ରୋ ପକ୍ଷରୁ ସେଥିପାଇଁ ଅତୀତରେ କିଛି ଉପଗ୍ରହ ଛଡାଯାଇଥିଲେ ମଧ ଆଗାମୀ ଦିନମାନଙ୍କରେ ଅଧିକ କିଛି ଉପଗ୍ରହ ଛଡାଯିବ ବୋଲି ଜଣାଯାଇଛି । କାରଣ ଏହି ବ୍ୟବସ୍ଥା ଭାରତ ପାଇଁ ଆରମ୍ଭ କରାଯାଇଥିଲେ ହେଁ ଆଗାମୀ ଦିନମାନଙ୍କରେ ଅଧିକ ଅଞ୍ଚଳରେ କାର୍ଯ୍ୟକରିବ । କେବଳ ପ୍ରତିରକ୍ଷା କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଉପଗ୍ରହ ରହିଛି । ଆମେରିକାର ଜିପିଏସ୍ ପରି ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଭିନ୍ନ ଭିନ୍ନ ଉପଗ୍ରହ ମହାକାଶରୁ କକ୍ଷ ପଥରେ ରଖିବାକୁ ହେବ । ଏସବୁ ଇସ୍ରୋକୁ ଅଧିକ ଉଚ୍ଚକୁ ନେବାକୁ ସକ୍ଷମ ହେବ । ତୁଳନାତ୍ମକ ଦୃଷ୍ଟିରୁ ଅନ୍ୟ ମହାଦେଶର ବ୍ୟବସ୍ଥାଠାରୁ ନାଭିକକୁ ଅଧିକ ଶକ୍ତିଶାଳୀ କରିବାକୁ ହେବ । ଇସ୍ରୋର ବାଣିଜ୍ୟିକ ସଫଳତା ସଂସ୍ଥା ପାଇଁ ନବ ଦୀପାବଳି ସଦୃଶ ହୋଇଛି ବୋଲି କହିଲେ ଠିକ୍ ହେବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଶାରେ ମହିଳା କେତେ ସୁରକ୍ଷିତ !

**ଗୋଲଖ ଚନ୍ଦ୍ର ଦାସ**



ଓଡିଶାରେ ମା ଓ ଭଉଣୀମାନେ ଅସୁରକ୍ଷିତ । ମହିଳା ନିର୍ଯ୍ୟାତନା ଏବଂ ଅତ୍ୟାଚାରରେ ଓଡିଶା ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିବାକୁ ଯାଉଛି । ରାଜ୍ୟରେ ମହିଳା ନିର୍ଯ୍ୟାତନା, ଶିଶୁ ନିଖୋଜ, ଅପହରଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି । ରାଜ୍ୟ ସରକାର ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିବାର ବଡପଣ କରି ବିଭିନ୍ନ କମିଟି ଘୋଷଣା କରିବା ସହ ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିଥିବା ଗଣମାଧ୍ୟମ ସାମ୍ନାରେ କହୁଛନ୍ତି । କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ସ୍ପଷ୍ଟ ବାରିହୋଇପଡୁଛି ଓଡ଼ିଶାରେ ମହିଳା କେତେ ସୁରକ୍ଷିତ । ରାଜ୍ୟବାସୀଙ୍କୁ ଏକ ପ୍ରହେଳିକା ଦେଖାଇ ଦିଆହୋଇଛି ଯେ ରାଜ୍ୟରେ '୫'ଟି ସରକାର କାର୍ଯ୍ୟ କରୁଛି । ବାସ୍ତବରେ ୫ଟି ଥାନାରେ କାର୍ଯ୍ୟ କରୁନାହିଁ, ସାଧାରଣ ଜନତାଠାରୁ ବିରୋଧୀଦଳମାନେ ଅଭିଯୋଗ କରୁଛନ୍ତି । ଆସାମୀମାନେ ଦିବାଲୋକରେ ରାଜରାସ୍ତାରେ ବୁଲୁଥିବା ବେଳେ ସେମାନଙ୍କୁ ଗିରଫ କରିବାତ ଦୁରର କଥା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଂଚା ଦେଉଛନ୍ତି ପୋଲିସ ପ୍ରଶାସନ । ମହିଳା ଓ ଶିଶୁଙ୍କ ପାଇଁ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି ଓଡିଶା ।

ପଟ୍ଟାମୁଣ୍ଡାଇ ଥାନା ପାଖରୁ ପୋହଳ ଗାଁ ମାତ୍ର ୪ କି.ମି ରାସ୍ତା । ପୋହଳର ପ୍ରଭାକର ସ୍ୱାଇଁ ଏବଂ ତାଙ୍କ ପରିବାର ତାଙ୍କ ସାନ ଭାଇର ପତ୍ନୀ ଜୟନ୍ତୀ ସ୍ୱାଇଁ ଓ ତାଙ୍କ ବିକଳାଙ୍ଗ ଝିଅ ରୁଦ୍ରାଣୀ ସ୍ୱାଇଁଙ୍କୁ ମାଡମାରି ଘରୁ ବାହାର କରିଦେଇଥିଲେ । ଦୀର୍ଘଦିନ ହେବ ଏ କେସ୍ ପଟ୍ଟାମୁଣ୍ଡାଇ କୋର୍ଟରେ ବିଚାରାଧୀନ ଥିଲା । ବିଚାର ବେଳେ ଆସାମୀମାନେ କୌଣସି ଦିନ କୋର୍ଟରେ ହାଜର ହେଲେ ନାହିଁ । ଶେଷର ବିଚାରପତି ବାଧ ହୋଇ ସେମାନଙ୍କ ନାମରେ ୱାରେଂଟ ଜାରି କରି ଥାନାକୁ ପଠାଇଥିଲେ । ଦୀର୍ଘଦିନ ବିତିଯାଇଥିଲେ ମଧ ଆସାମୀମାନଙ୍କୁ ପୋଲିସ ଧରି ପାରୁନାହିଁ । ଏହି ସାଧାରଣ ଆସାମୀମାନଙ୍କୁ ପୋଲିସ ଧରି ପାରୁନଥିବା ବେଳେ ବଡ ବଡ ଘଟଣା ଘଟାଉଥିବା ଆସାମୀମାନଙ୍କୁ ପୋଲିସ ଧରିବାରେ କିପରି ସକ୍ଷମ ହେବ ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମା'କୁ ସର୍ବଦା ସମ୍ମାନର ଗୁଣଗାରିମାକୁ ବଖାଣୁଥିବା ରାଜ୍ୟ ସରକାର ମହିଳାଙ୍କୁ ସମ୍ମାନ ଦେବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି । ଏହାର ଅନ୍ୟ ଏକ ଜ୍ୱଳନ୍ତ ଚିତ୍ର କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଥିଲା । ଗତ ଅଗଷ୍ଟ ୩୦ତାରିଖ ଦିନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପଂଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମସ୍ତ ସଭ୍ୟ ଓ ସଭ୍ୟାମାନେ ଯୋଗଦେଇଥିଲେ । ବୈଠକ ଆରମ୍ଭ ହେବା ମାତ୍ରକେ ୩ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଅସୀମା ମିଶ୍ର ପୂର୍ବ ସଭାର ବିବରଣୀ ଏବଂ ତାର କ୍ରିୟାନ୍ୱୟନ ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ, ସଭାରେ ଉପସ୍ଥିତ ବିଧାୟକ, ସରପଂଚ ଓ ସମିତିସଭ୍ୟମାନେ ମିଶି ଜିଲ୍ଲା ପରିଷଦ ସଭ୍ୟାଙ୍କୁ ଗାଳିଗୁଲଜ କରି ଘେରିଯାଇ ସଭାରୁ ବାହାର କରି ଦେଇଥିଲେ, ଯାହାକି ଜଣେ ମହିଳାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଥିଲା । ଘଟଣା ସମ୍ପର୍କରେ ଆନନ୍ଦପୁର ଥାନାରେ ଲିଖିତ ଏତଲା ଦିଆଯାଇଥିଲେ ମଧ ସେ ସମୟରେ ଆନନ୍ଦପୁର ପୁଲିସ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଚୁପ୍ ରହିଥିଲେ ।

୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ ନିଖୋଜ ହୋଇଥିବା ବହୁଚର୍ଚ୍ଚିତ ୨ ବର୍ଷିଆ 'ପିହୁ'ର ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳିଲା ନାହିଁ କି ପୋଲିସ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ । ବହୁ ଚାପ ଓ ଦାବି ପରେ 'ପିହୁ'କୁ ଖୋଜିଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦେବାର ଘୋଷଣା କରିଦେଇ ରାଜ୍ୟ ସରକାର ଚୁପ୍ ହୋଇ ବସିଗଲେ । ବାଲ୍ୟ ବିବାହ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ପରୀ, ମମିତା ହତ୍ୟା ଘଟଣା ଏବଂ ଏହାର ସତ୍ୟାସତ୍ୟକୁ ନେଇ ବର୍ତ୍ତମାନ ସୁଦ୍ଧା ରାଜ୍ୟବାସୀଙ୍କ ମନରେ କ୍ଷୋଭ ରହିଛି ।

ଗତ ସେପ୍ଟେମ୍ବର ୫ତାରିଖ ଦିନ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଗୁମା ପଂଚାୟତର ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଓ ପ୍ରସବ କରିବା ପରେ ଶିଶୁ ଓ ମା'ର ମୃତ୍ୟୁ ହୋଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ନାବାଳିକାର ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ହେଉଛି । ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହେଉଛି ଯେ ନାବାଳିକାର ମୃତ୍ୟୁ ହୋଇନାହିଁ ବରଂ ତାକୁ ହତ୍ୟା କରାଯାଇଛି । ଏଭଳି ଅମାନବୀୟ ଘଟଣା ପାଇଁ ଦାୟୀ ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିରୋଧୀମାନେ ଦାବି କରିଛନ୍ତି । ଏହିପରି ଅନେକ ଘଟଣା ଘଟୁଛି । ବର୍ଣ୍ଣନା କଲେ ତାଲିକା ଲମ୍ବା ହେବ । ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ରାଜ୍ୟବାସୀ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ବସିଛନ୍ତି । ନିଜ ଅପାରଗତାକୁ ଲୁଚାଇବା ପାଇଁ ରାଜ୍ୟରେ ଶାସନ କରୁଥିବା ଦଳ ବିଭିନ୍ନ ସୁଆଙ୍ଗ କରୁଛି । ରାଜ୍ୟର ମା ଓ ଭଉଣୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆଉ ଆଉ କେତେ ବର୍ଷ ଲାଗିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି । ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି । 'ମା'କୁ ସମ୍ମାନ' ନାରା ଦେଉଥିବା ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ଏନ୍‌ସିଆରବି ରିପୋର୍ଟ । ଓଡ଼ିଶାରେ ମହିଳାବିରୋଧୀ ହିଂସାର କ୍ରମାଗତ ବୃଦ୍ଧି ଘଟି ଚାଲିଥିବା ବେଳେ, ଦଣ୍ଡବିଧାନ ହାର କ୍ରମାଗତ ହ୍ରାସ ପାଇଚାଲିଛି । ୨୦୧୭ ମସିହାରେ ୧୬୨୨ ବାଳିକା ନିଖୋଜ ହୋଇଥିବା ବେଳେ ୧୪୭୮ଜଣ ଉଦ୍ଧାର ହୋଇଥିଲେ । ୨୦୨୧ ମସିହାରେ ୨୪୫୨ ନିଖୋଜ ହୋଇଥିବାବେଳେ ୧୫୧୨ ଉଦ୍ଧାର ହୋଇଛନ୍ତି । ୨୦୧୭ ମସିହାରେ ୬୫୩୬ ମହିଳା ନିଖୋଜ ହୋଇଥିବାବେଳେ ୩୬୧୭ ଉଦ୍ଧାର ହୋଇଛନ୍ତି ଓ ୨୦୨୧ରେ ନିଖୋଜ ୭୩୧୬ ହୋଇଥିବା ୧୪୭୫ ଉଦ୍ଧାର ହୋଇଛନ୍ତି । ଓଡିଶାରେ ମହିଳା ନିଖୋଜ ସଂଖ୍ୟା ବଢ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ କମିଛି । ବର୍ଷକରେ ଦୁଷ୍କର୍ମ ମାମଲା ୧୧% ବଢ଼ିବା ସହ ଯୌତୁକ ନିର୍ଯ୍ୟାତନା ୩୨% ବଢ଼ିଛି । ୨୦୨୦ ମସିହାରେ ୨୫,୪୮୯ଟି ମହିଳାବିରୋଧୀ ଅପରାଧ ଘଟିଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୩୧,୩୫୨ରେ ପହଂଚିଛି । ମହିଳା ଅପହରଣ ୩୭ ପ୍ରତିଶତ, ମହିଳା ଅସଦାଚରଣରେ ୧୭.୮ ପ୍ରତିଶତ, ବଳାତ୍କାର ମାମଲା ୨୦.୨୩ ପ୍ରତିଶତ, ନାବାଳିକା ଯୌନ ନିର୍ଯ୍ୟାତନା ୧୩.୩୫ ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ । ସେହିପରି ଓଡିଶାରେ ଦିନକୁ ଦିନ ନାବାଳିକା ଯୌନ ନିର୍ଯ୍ୟାତନା ଏବଂ ବଳାତ୍କାର ବୃଦ୍ଧି ଘଟୁଛି । ୨୦୧୯ ମସିହାରେ ୧୬୪୫ଟି ନାବାଳିକା ଦୁଷ୍କର୍ମ ହେଉଥିବାବେଳେ ୨୦୨୦ ମସିହାରେ ୧୬୬୪, ୨୦୨୧ ମସିହାରେ ୧୮୭୧ଟି ଅପରାଧ ରୁଜୁ ହୋଇଛି । ପୋକ୍ସୋ ଆଇନ ଅଧିନରେ କୋର୍ଟରେ ୧୨,୩୩୨ଟି ମାମଲା ବିଚରାଧୀନ ରହିଛି, ଯାହା ଦେଶର ବିଚରାଧୀନ ମାମଲାର ୫.୪୩ ପ୍ରତିଶତ ଅଟେ । ଶିଶୁଙ୍କ ଯୌନ ନିର୍ଯ୍ୟାତନା ମାମଲା ୨୦୧୯ ମସିହାରେ ୧୪.୫ ପ୍ରତିଶତ ଏବଂ ୨୦୨୦ ମସିହାରେ ୧୫.୩ ପ୍ରତିଶତ ରହିଛି । ଗତ ୫ ବର୍ଷରେ ୧୪,୭୫୩ ଶିଶୁ ନିଖୋଜ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେବଳ ଶିଶୁ କନ୍ୟାଙ୍କ ସଂଖ୍ୟା ହେଉଛି ୧୨,୧୯୯ । ସେହିଭଳି ନିଖୋଜ ଥିବା ଅନେକ ନିରୀହ ଶିଶୁର କୌଣସି ପତା ମିଳୁନାହିଁ । ମା କୋଳ ଶୂନ୍ୟ ହୋଇଯାଇଛି । ଗତବର୍ଷ ଦେଶରେ ୬୫୩୩ ଜଣଙ୍କ ଚାଲାଣ ହୋଇଥିବାର ଅଭିଯୋଗ ହୋଇଥିବାବେଳେ ଓଡିଶାରୁ କେବଳ ୧୪୭୫ । ଏମାନଙ୍କ ଭିତରେ ୪୪୪ ମହିଳା ଓ ୪୯୭ ଶିଶୁ ରହିଛନ୍ତି । ରାଜ୍ୟରେ ୫,୦୬୨ ହତ୍ୟା ଉଦ୍ୟମ; ୨,୮୧୪ ଡକାୟତି; ୧,୪୧୧ ହତ୍ୟା; ୫,୬୩୦ ଅପହରଣ ମାମଲା ରୁଜୁ ହେବା ଏବଂ ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇବା ରାଜ୍ୟ ଅରାଜକତାକୁ ସ୍ପଷ୍ଟ ପ୍ରମାଣିତ କରୁଛି । ସାଇବର କ୍ରାଇମରେ ସମଗ୍ର ଦେଶରେ ଓଡିଶା ରାଜ୍ୟ କ୍ରମାଗତ ଭାବେ ପ୍ରଥମ ସ୍ଥାନ ହାସଲ କରୁଛି । ସାଇବର କ୍ରାଇମର ଶିକାର ହେଉଛନ୍ତି ଅଧିକାଂଶ ମହିଳା ।

ରାଜ୍ୟ ସରକାରଙ୍କ ମା'କୁ ସମ୍ମାନର କେବଳ ପ୍ରଚାର ସର୍ବସ୍ୱ । ରାଜ୍ୟର ମା ଓ ଭଉଣୀ ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଓଡ଼ିଶାରେ ଆଦିବାସୀ ଅଧୁଷିତ ଅଂଚଳରେ ଦିନକୁ ଦିନ ନାବାଳିକା, ମହିଳା ଓ ଶିଶୁ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ସରକାର ସବୁ ଜାଣିବି ଚୁପ୍ ରହୁଛନ୍ତି । ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଓଡ଼ିଶାର ଆଦିବାସୀ ମହିଳାମାନେ ଦୁଷ୍କର୍ମର ଶିକାର ହୋଇ ପ୍ରାଣ ହରାଉଛନ୍ତି । ଲାଗାତର ଭାବେ ୨୩ ବର୍ଷଧରି ରାଜ୍ୟରେ ଶାସନ କରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି ଏବଂ ଓଡିଶାର ମା ଓ ଭଉଣୀମାନେ ନ୍ୟାୟ ପାଇବା ବର୍ତ୍ତମାନ ଦିବାସ୍ୱପ୍ନରେ ପରିଣତ ହୋଇଛି । ଏଥିରୁ ଜଣାପଡୁଛି ଅପରାଧିକ ସାମ୍ରାଜ୍ୟ ବୃଦ୍ଧି ପାଇଁ ଓଡିଶାରେ ଅପରାଧୀଙ୍କ ଭିତରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି । ଯେଉଁଠି ମୁଖ୍ୟମନ୍ତ୍ରୀ ବିଭିନ୍ନ ଅପରାଧରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ସାଙ୍ଗରେ ନେଇ ସଭା ଓ ବିଦେଶ ଯାତ୍ରା କରୁଛନ୍ତି, ସେଇଠି ଅପରାଧ ନିୟନ୍ତ୍ରଣ ଏବଂ ଦଣ୍ଡବିଧାନ ଆଶା ନିରର୍ଥକ । ଏପରିକି ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଏଭଳି ଅପରାଧିକ କାର୍ଯ୍ୟରେ ସଂପୃକ୍ତ ରହୁଛନ୍ତି ଏବଂ ମୁଖିଆ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି ବୋଲି ଚର୍ଚ୍ଚା ଆଲୋଚନା ହେଉଛି । ବହୁଚର୍ଚ୍ଚିତ ରହସ୍ୟମୟୀ ବ୍ଲାକମେଲର ଅର୍ଚ୍ଚନା ନାଗ ଗିରଫ ପରେ ଅନେକ ଘଟଣା ପଦାକୁ ଆସୁଛି । ପୁଲିସ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠିଛି । ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ଅର୍ଚ୍ଚନାଙ୍କ ନାଗଫାଶରେ ୨୫ରୁ ଅଧିକ ନେତା ସାମିଲ ଥିବାବେଳେ ସେମାନଙ୍କ ମଧ୍ୟରେ ୧୮ ଜଣ ବିଧାୟକ ଅଛନ୍ତି । ରାଜ୍ୟରେ ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଇବା ଏବଂ ଦଣ୍ଡବିଧାନ ହାର ହ୍ରାସ ପାଇବାର ଏହା ହିଁ ମୁଖ୍ୟ କାରଣ ବୋଲି ବିରୋଧୀ ଦଳମାନେ ଦାବି କରୁଛନ୍ତି । ନାରୀ ସଶକ୍ତିକରଣ ପାଇଁ ନାରୀଙ୍କ ସୁରକ୍ଷା ହେଉଛି ପ୍ରାଥମିକତା । କିନ୍ତୁ ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ।



*-ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ମୋ-୯୮୬୧୦୨୮୫୫୩*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଦୁର୍ନୀତି ନିବାରଣ ଶପଥ ପାଠ ଅନୁଷ୍ଠିତ

ପୁରୀ, (ପି.ଏନ): ଚଳିତ ବର୍ଷ ଅକ୍ଟୋବର ୩୧ ତାରିଖ ଠାରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ଏହାକୁ ସବୁ ସ୍ତରରେ ପ୍ରତିହତ କରି ଏକ ସୁଦୃଢ଼ ତଥା ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ କରିବାରେ ପ୍ରତ୍ୟେକ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଓସ୍ୱାନ କନଫେରେନ୍ସ ହଲରେ ଜିଲ୍ଲାପାଳ ସମର୍ଥ ବର୍ମା, ଜିଲ୍ଲା ଏସ ପି ଡ଼ଃ. କନଓ୍ୱର ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ଜିତେନ୍ଦ୍ର କୁମାର ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଆଂଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ।ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ ବର୍ମା ସମସ୍ତ ଅଧିକାରୀଓ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟର ଓସ୍ୱାନ ହଲରେ ମଧ ବିଡ଼ିଓ, ତହସିଲଦାର, ସିଡିପିଓ ଓ ଅନ୍ୟାନ୍ୟ ଅଧିକାରୀ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ, ଲାଇନ ଡିପାର୍ଟମେଣ୍ଟରେ ଏହି ଶପଥ ପାଠ କରାଯାଇଥିଲା।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଫୁଲବାଣୀ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକୋତର ପାଠ୍ୟକ୍ରମର ଶୁଭାରମ୍ଭ

କନ୍ଧମାଳ,(ପି.ଏନ): ଦକ୍ଷିଣ ଓଡ଼ିଶାର କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀସ୍ଥିତ ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ଇତିହାସ, ଗୃହବିଜ୍ଞାନ ଓ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆଦିବାସୀ ଅନୁନ୍ନତ କନ୍ଧମାଳ ଜିଲ୍ଲାର ସରକାରୀ ମହିଳା ମହାବିଦ୍ୟାଳୟରେ ଏହି ପାଠ୍ୟକ୍ରମର ଶୁଭାରମ୍ଭ ଉଚ୍ଚଶିକ୍ଷା ବିଭାଗ, ଓଡିଶା ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।୪୦ ବର୍ଷ ପୁରାତନ ଏହି ଶିକ୍ଷାନୁଷ୍ଠାନରେ ପୂର୍ବରୁ ଇତିହାସ, ଓଡ଼ିଆ, ରାଜନୀତି ବିଜ୍ଞାନ, ଗୃହବିଜ୍ଞାନ, ନୃତତ୍ୱ, ଅର୍ଥନୀତି ବିଭାଗର ସ୍ନାତକ ଡିଗ୍ରୀ ଶ୍ରେଣୀରେ ସମ୍ମାନ ରଖି ଶିକ୍ଷାଦାନ ହୋଇ ଆସୁଅଛି। ଚଳିତ ମାସରେ ଇଂରାଜୀ ବିଷୟରେ ନୂତନ ସ୍ନାତକ ଡିଗ୍ରୀ ପାଠ୍ୟକ୍ରମ ଖୋଲିଛି। ଏହା ସହିତ ୪୮ ଆସନ ବିଶିଷ୍ଟ ଇତିହାସ, ରାଜନୀତି ବିଜ୍ଞାନ ଓ ଗୃହବିଜ୍ଞାନ ସ୍ନାତକ ଡିଗ୍ରୀ ୬୪ କୁ ବୃଦ୍ଧି ପାଇଛି। ଯଦ୍ୱାରା ଦୂରସ୍ଥାନକୁ ଯାଇପାରୁନଥିବା ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅଧିକ ଅର୍ଥ ଦେଇ ନାମପଞ୍ଜୀକରଣରୁ ବଂଚିତ ହେଉଥିବା ଉଚ୍ଚଶିକ୍ଷାଭିଳାଷୀ ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭର ସୁଯୋଗ ମିଳିବ। ଏଥିପାଇଁ ମହାବିଦ୍ୟାଳୟର ଅଧକ୍ଷା ଡ଼. ତନୁଜା ସିଂ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଉପନିର୍ଦ୍ଦେଶକ ଡ଼.ରଜତ କୁମାର ମାନସିଂହ ତଥା ଓଡ଼ିଶା ସରକାର ଅଧିନସ୍ଥ ଉଚ୍ଚଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି, କାର୍ଯ୍ୟ ବନ୍ଦ କଲେ ଆଇନଜୀବି

ଜୟପୁର, (ପି.ଏନ): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତି ହୋଇଛି । ଜୟପୁର ସ୍ଥିତ ଜିଲା ଓକିଲ ସଂଘ ନିଷ୍ପତି କ୍ରମେ ଜିଲା କୋର୍ଟ ସମ୍ମୁଖରେ କାଯ୍ୟ ବନ୍ଦ କରିଥିଲେ ଆଇନଜୀବି । ୨ ଦିନ ଓକିଲ ମାନେ କାଯ୍ୟବନ୍ଦ କରି ବିକ୍ଷୋଭ କରିଥିଲେ । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିଙ୍କ ଜାମିନି ହିଁ ଶୁଣାଣି ହୋଇପାରିବ । ତା ଛଡା କୈଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ । ଜିଲାର ସମସ୍ତ କୋର୍ଟର ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାଯ୍ୟାଦେଶରେ ଓକିଲ ମାନେ ଉକ୍ତ ଦାବି ନେଇ କାଯ୍ୟ ବନ୍ଦ କରିବେ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଉଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ୍ଚଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ରେଙ୍କକ୍ଷୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷୱ;ନ ଭିତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷୱ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ମାଲକାନଗିରି ବନ ବିଭାଗ ପକ୍ଷରୁ ଗୁଟୁମଗୁଡା ଗ୍ରାମରୁ ୨୩ ଟି ପଟା ଜବତ

ମାଲକାନଗିରି, (ପି.ଏନ), ମାଲକାନଗିରି ବ୍ଲକ ଅନ୍ତର୍ଗତ ତଣ୍ଡକି ଗ୍ରାମପଂଚାୟତର ଗୁଟୁମ ଗୁଡା ଗ୍ରାମରେ ବେଆଇନ ଭାବେକିଛି ଅସାଧୁ ବ୍ୟକ୍ତି ଗଛ କାଟି ସେହି କାଠ ପଟା ଏବଂ ସାଇଜ କୁ ଚୋରା କାରବାର କରି ବିକ୍ରି କରୁଥିବା ଖବରସହ ତଣ୍ଡକି ପଂଚାୟତର ସରପଂଚ ବାବୁଲା ପଡିଆମୀ ଙ୍କ ଠାରୁ ଖବର ପାଇ ମାଲକାନଗିରି ରେଞ୍ଜର ଜଗନ୍ନାଥ ପ୍ରସାଦ ବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟରଦେବାଶିଷ ପ୍ରଧାନ , ରବିନାରାୟଣ ଖଣ୍ଡୁଆଳ , ପି . ସନ୍ତୋଷ କୁମାର , ଦୀପ୍ତି ରଞ୍ଜନ ନାୟକ , ମଧୁସ୍ମିତା ଜେନାଏବଂ ପାରା ଷ୍ଟାଫ ଗୁଟୁମଗୁଡା ଗ୍ରାମରେ ପହଂଚିଥିଲେ ।



# ମୋ ଓଡ଼ିଶା

## ବସୁଧା ଟାଙ୍କିକୁ ଉଠୁନି ବୋରିଂ ପାଣି, କଂକ୍ରିଟ୍ ରାସ୍ତାରେ ବୋହି ଯାଉଛି ପାନୀୟ ଜଳ !




ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଓଭରହେଡ୍ ପାଣି ଟାଙ୍କିକୁ ଉଠୁନି ବୋରିଂ ପାଣି । କଂକ୍ରିଟ୍ ରାସ୍ତାରେ ବୋହି ଯାଉଛି ପାନୀୟ ଜଳ । ସ୍ଥାନୀୟ ଅଞ୍ଚଳବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ନିମ୍ନମାନର ନିର୍ମାଣ କାମ ପାଇଁ ଏହି ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ବିଭାଗ ପକ୍ଷରୁ ଟାଙ୍କିକୁ ପାଣି ଛଡ଼ା ଯାଉନଥିବା ଜଣାପଡ଼ିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜାରକା ଶାନ୍ତିବଜାର ନିକଟରେ ବସୁଧା ଯୋଜନାରେ ୧ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ୨୦୧୮ ଜୁଲାଇ ୫ ତାରିଖରେ ଏହି ଜାରକା-ଚହଟା ଜଳ ଯୋଗାଣ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୁଇ ବିଭାଗର କନିଷ୍ଠ ଯନ୍ତ୍ରୀ ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟ ପରିସରରେ ହେଉଥିବା ଏହି ବହୁମୂଲ୍ୟ ପ୍ରକଳ୍ପ ନିର୍ମାଣର ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ଫେବ୍ରୁଆରୀ ୧୯ତାରିଖରେ ଏହାକୁ ଉଦ୍‌ଘାଟନ କରିଥିଲେ । ହେଲେ କାର୍ଯ୍ୟକ୍ଷମ ହେବା ଦିନଠାରୁ ଏହି ଟାଙ୍କିରୁ ପାଣି ଝରିଥିଲା । ଏହା ଜଣାପଡ଼ିବା ପରେ ଦୋଷ ଢାଙ୍କିବାକୁ ଠିକାଦାର ଏଥିରେ ଅଠାରଙ୍ଗ ମାରି ପାଣିଝର ବନ୍ଦ କରାଇ ଦେଇଥିଲେ । ଏହାର କିଛିଦିନ ପରେ ଟାଙ୍କିରୁ ପୁଣି ପାଣି ବୋହିଥିଲା । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ଭିତିରି ବୁଝାମଣା ପଦାରେ ପଡ଼ି ଯାଇଥିଲା । ପ୍ରାୟ ୨ବର୍ଷ ହେଲା ଏହାର ଭଲବ୍ ଖରାପ ହୋଇଯାଇଛି ବୋଲି କୁହାଯାଇ ଓଭରହେଡ୍ ଟାଙ୍କିକୁ ପାଣି ଉଠାଇବା ବନ୍ଦ କରିଦିଆଯାଇଛି । ଫଳରେ ବୋରିଂ ପାଣି ଟାଙ୍କିକୁ ନଯାଇ ନିକଟସ୍ଥ କଂକ୍ରିଟ୍ ରାସ୍ତାରେ ବୋହିଯାଉଛି । ସବୁବେଳେ ପାଣିପାଇ ଅଧା କଂକ୍ରିଟ୍ ରାସ୍ତାରେ ଘାସ ଓ ଦଳ ମାଡ଼ିଗଲାଣି । ଦୁର୍ନୀତିକୁ ଘୋଡ଼ାଇବାକୁ ଏବେ ଉକ୍ତ ପାଣିଟାଙ୍କିରେ ସବୁଜ ରଙ୍ଗ ବୋଳି ଦିଆଯାଇଛି । ଅବ୍ୟବହୃତ ଅବସ୍ଥାରେ ରହିଥିବାରୁ ଏହାର ଚାରିପଟେ ଗଛଲତା ମାଡ଼ିଗଲାଣି । ନିମ୍ନମାନର ନିର୍ମାଣ କାମ ପାଇଁ ଉକ୍ତ ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉଦାସୀନତା ପାଇଁ ଏହା ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଇନ୍ଦିରା ଗାନ୍ଧିଙ୍କ ତିରୋଧାନ ଦିବସ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କଂଗ୍ରେସ କମଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଲୌହମାନବୀ ସ୍ୱର୍ଗିୟା ଇନ୍ଦିରା ଗାନ୍ଧିଙ୍କ ୩୮ତମ ତିରୋଧାନ ଦିବସ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ କିଶାନ ପଣ୍ଡା,କୃଷକ ନେତା ବସନ୍ତ ପରିଡା, ନରୋତମ ନାୟକ, ନକୁଳ ଜେନା, ଅମରେନ୍ଦ୍ର ସାମଲ, କାର୍ତିକ ସାହୁ, ଦେବାଶିଷ ପରିଡା, ସରୋଜ କୁମାର ତରାଇ, ବିନୋଦ ମଲିକ,ବିରଂଚି ନାରାୟଣ ରାଉତ,ବାବାଜି ରାଉତ, ବାବାଜି ପଣ୍ଡା, ଅଭିମନ୍ୟୁ ନାୟକ, ଦୀପକ ବଳ,ସାଗର ପାଳ, ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗିୟା ଇନ୍ଦିରା ଗାନ୍ଧିଙ୍କ ଉପରେ ଆଲୋକପାତ କରିଥିଲେ । ସ୍ୱର୍ଗିୟା ଇନ୍ଦିରା ୧୯୬୬ରୁ ୧୯୭୭ ଓ ୧୯୮୦ରୁ ୧୯୮୪ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ହୋଇ ବ୍ୟାଙ୍କ ଜାତୀୟ କରଣ ଓ ଭାଗଚାଷ ଆଇନ ପ୍ରଣୟନ ଆଦି ବହୁ ଜନହିତକର କାର୍ଯ୍ୟ କରିଥିଲେ । ବାଙ୍ଗଲାଦେଶକୁ ପାକିସ୍ଥାନ ଠାରୁ ସ୍ୱାଧିନ କରିବା ଦିଗରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ୧୯୮୪ ମସିହା ଅକ୍ଟୋବର ଆଜିର ଦିନରେ ତାଙ୍କ ସୁରକ୍ଷାକର୍ମୀଙ୍କ ଗୁଳିରେ ସେ ନିହତ ହୋଇଥିଲେ ।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ




ଧର୍ମଶାଳା (ପିଏନ୍): ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ପ୍ରଫେସର ଧରଣୀଧର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଗ୍ରାମାଂଚଳରୁ ଗୋକର୍ଣ୍ଣିକା ପତ୍ରିକା ପ୍ରକାଶିତ ହୋଇ ସମଗ୍ର ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାପ୍ରାପ୍ତ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ପ୍ରକୃତ ସାହିତ୍ୟ ଗ୍ରାମାଂଚଳରେ ରହିଛି । ସ୍ରଷ୍ଟା ତା'ର ଅନୁଭବ ଅନୁଭୂତି ଓ ଦର୍ଶନକୁ ତା'ରି ସୃଷ୍ଟି ମାଧ୍ୟମରେ ପ୍ରକାଶ କରିବାକୁ ଜୀବନବ୍ୟାପୀ ସାଧନାରେ ମଗ୍ନ ରହେ । ଗୋକର୍ଣ୍ଣିକା ସାହିତ୍ୟ ପତ୍ରିକା ଗୋଟିଏ ଯୌବନକୁ ପ୍ରତିନିଧିତ୍ୱ କରେ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ପୌରହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ୟାସନଗର କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନିରନ ଶତପଥୀ ଯୋଗଦେଇ ଏଇ ଅନୁଷ୍ଠାନ ବହୁ ନୂତନ ଲେଖକ ଲେଖିକା ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୋରେଇ ମଣ୍ଡଳ ସାହିତ୍ୟ ସମାଜ ସଂପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପ୍ରତିଷ୍ଠାତା ଅନ୍ୟତମ ସଦସ୍ୟ ପ୍ରଫୁଲ୍ଲ କୁମାର ଶତପଥୀ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ସମାଜ ପରିବ□ନରେ ସାହିତ୍ୟ ଓ ସାହିତ୍ୟ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ ଓ ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ୍ ଓ ସୀତାକାନ୍ତ ସାମଲଙ୍କୁ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅତିଥିମାନଙ୍କୁ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରଫେସର ବିଜୟ ଶତପଥୀ, ଡ. ରାଜକିଶୋର ପାଢ଼ୀ, କନକ ମଂଜରୀ ସାହୁ, ରଶ୍ମିତା ବାରିକ, ଗାୟତ୍ରୀ ନାୟକ, କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ, ଗଣେଶ୍ୱର ବେହେରା ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମାନପତ୍ରଗୁଡ଼ିକୁ ଡ. ମହେଶ୍ୱର ଜେନାସାମନ୍ତ, ଗାୟତ୍ରୀ ନାୟକ, ପ୍ରତାପରୁଦ୍ର ପଣ୍ଡା, ନାରାୟଣ ନନ୍ଦ, ପ୍ରଦୀପ ସାମଲ ପାଠ କରିଥିଲେ । ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଗୋକର୍ଣ୍ଣିକା ସହସଂପାଦକ ଡ. ତୁହିନାଂଶୁ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ଆବୃ□ କରିଥିବା ବେଳେ ଅଧ୍ୟାପକ ବିଜୟ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶେଷରେ କବି ସଂଗ୍ରାମ କେଶରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ୟାରେଜ୍ ମିସ୍ତ୍ରୀଙ୍କ ଉନ୍ମତକାଣ୍ଡ, ୮ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ହନୁମାନ ବଜାରରେ ଗ୍ୟାରେଜ୍ କରିଥିବା କାଏମା(ଲକ୍ଷ୍ମୀସାହି) ଗ୍ରାମର ସୁରେନ୍ଦ୍ର ପୃଷ୍ଟି (୪୦) ଗତ ଦୁଇଦିନ ତଳେ ସନ୍ଧ୍ୟାରେ ୮ଜଣ ବ୍ୟକ୍ତିଙ୍କୁ ହଠାତ୍ ଆକ୍ରମଣ କରିଥିଲେ । ପୁଲିସ୍ ପହଞ୍ଚି ତାଙ୍କୁ କାବୁ କରିଥିଲା । ସମ୍ଭବତଃ ମାନସିକ ଭାରସାମ୍ୟ ହରାଇଥିବା ସୁରେନ୍ଦ୍ରଙ୍କ ପାଖକୁ ଯିଏ ଗଲା ସେ ତାଙ୍କୁ ମାଡ଼ ମାରିଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ୮ଜଣ ବ୍ୟକ୍ତି ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ଏପରିକି ଜାରକା ବିଟ୍ ହାଉସ୍ ପୁଲିସ୍ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଗୃହରକ୍ଷୀ ଅଭିନ ଗେଡ଼ି ମଧ୍ୟ ବାଦ୍ ପଡ଼ିନଥିଲେ । ପରେ ଧର୍ମଶାଳା ଡାକ୍ତରଖାନାରେ ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ପରିବାର ଜିମା ଦିଆଯାଇଥିବା ଜଣାପଡ଼ିଛି । ଗ୍ୟାରେଜ୍ ମିସ୍ତ୍ରୀ ସୁରେନ୍ଦ୍ରଙ୍କ ଏଭଳି ଆକସ୍ମିକ ଆଚରଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟିକରିଛି ।

## ଭାରତ ଯୋଡ ଯାତ୍ରା ପାଇଁ କଂଗ୍ରେସର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଶାନ୍ତିବଜାର ସମ୍ରାଟ ମଣ୍ଡପରେ ଭାରତ ଯୋଡ ଯାତ୍ରା ପାଇଁ ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ଏଆଇସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ଧର୍ମଶାଳା ବ୍ଲକ ସଭାପତି କିଶାନ ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ବରୀ ନିର୍ବାଚନ ମଣ୍ଡଳୀ ନେତା ଉମେଶ ଜେନା, କୋରେଇର ପ୍ରମୋଦ ପରିଡ଼ା, ଯାଜପୁରର ସନ୍ତୋଷ ନନ୍ଦ, ବିଂଝାରପୁରର କନକଲତା ମଲିକ, ବଡ଼ଚଣାର ଅଜୟ ସାମଲ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରନ କର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଜିଲ୍ଲା ଓବିସି ସେଲ୍ ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଯୋଗଦେଇ ଭାରତ ଯୋଡ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଏଆଇସିସିର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଚାଲିଥିବା ଭାରତ ଯୋଡ ପଦଯାତ୍ରା ପିସିସି ନେତୃତ୍ୱରେ ଆସନ୍ତା ୪ ତାରିଖରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଛତିଆରେ ପ୍ରବେଶ କରିବ । ଏହାକୁ ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀ ସ୍ୱାଗତ କରିବା ସହିତ ପଦଯାତ୍ରାରେ ସାମିଲ ହେବେ । ଆସନ୍ତା ୫ ତାରିଖରେ ଏହି ପଦଯାତ୍ରା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପହଞ୍ଚି ରାତ୍ରୀଯାପନ କରିବ । ୬ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀ ଦେଇ ଏହି ପଦଯାତ୍ରା ଭଦ୍ରକ ଅଭିମୁଖେ ବାହାରିଯିବ । ଏଥିରେ ଅଧିକ ସଂଖ୍ୟକ ଯୁବକ, ଛାତ୍ର ଓ ମହିଳା ଯୋଗଦେବାକୁ ଦଳୀୟ କର୍ମକର୍ତା ଆହ୍ୱାନ ଦେଇଥିଲେ । ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ନକୁଳ ଜେନା, ନରୋତମ ନାୟକ, କାର୍ତିକ ସାହୁ, ଦେବାଶିଷ ପରିଡା, ବିପ୍ର ତ୍ରିପାଠୀ, ଉଗ୍ରସେନ ମହାନ୍ତି, ଶରତ ତରାଇ ଓ ୱାସିମ ଆଲମ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୭ଟି ନିର୍ବାଚନ ମଣ୍ଡଳୀର ଶତାଧିକ ଦଳୀୟ ନେତା ଓ ଛାମୁଆ କର୍ମୀ ଯୋଗ ଦେଇଥିଲେ ।

## ନାବାଳିକାକୁ ଅସଦାଚରଣ ଓ ଭିଡିଓ ଭାଇରାଲ ଅଭିଯୋଗରେ ୩ ନାବାଳକ କୋର୍ଟ ଚାଲାଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ମର୍ଜିତାପୁର ପଂଚାୟତ ଅଂଚଳର ଜଣେ ସପ୍ତମ ଶ୍ରେଣୀର ଛାତ୍ରୀକୁ ଅସଦାଚରଣ କରିବା ସହିତ ସେହି ମୁହୁର୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ୩ଜଣ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ମୁତାବକ ମର୍ଜିତାପୁର ପଂଚାୟତ ଅଂଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀକୁ ସେହି ଅଂଚଳର ୩ଜଣ ନାବାଳକ ଏକୁଟିଆ ପାଇ ତା' ସହିତ ଅସଦାଚରଣ କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ । ପରବର୍ତୀ ସମୟରେ ଛାତ୍ରୀର ପରିବାରକୁ ଉକ୍ତ ଭିଡିଓ ପଠାଇ ୨୦ ହଜାର ଟଙ୍କା ଦାବି କରିଥିଲେ । ଟଙ୍କା ନଦେଲେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ । ତେବେ ଦୁର୍ବୃତଙ୍କ କଥାରେ ପରିବାର ଲୋକ ରାଜି ନହେବାରୁ ସେମାନେ ଛାତ୍ରୀର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ । ଏନେଇ ଛାତ୍ରୀର ବାପା ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୯୮/୨୨ରେ ଏକ କେଶ ରୁଜୁ କରି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୩ ନାବାଳକଙ୍କୁ ଗିରଫ କରିଥିଲା । ସେମାନଙ୍କ ଡାକ୍ତରି ମାଇନା କରାଯାଇ ସେମାନଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଥିବା ଜଣାପଡିଛି ।

## ଧର୍ମଶାଳା ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧାମନଗର ଗସ୍ତ ସମୟରେ ଧର୍ମଶାଳା ବିଜେପି ପକ୍ଷରୁ ଜାରକାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେପିନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ୧୬ନଂ ଜାତୀୟ ରାଜପଥର ଜାରକା ସିନେମାହଲ ନିକଟରେ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ବିଭୁତି ଭୂଷଣ ଜେନା, ମଣ୍ଡଳ ସଭପତି ପ୍ରସନ୍ନ ମାହୁନ୍ତ, କୃଷକ ମୋର୍ଚ୍ଚା ସଭାପତି ବନମାଳି ରାଉତ, ମଣ୍ଡଳ ସଭାପତି କୁଳମଣି ମଲିକ, ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମିର୍ଜାପୁର ସରପଂଚ ପ୍ରଶାନ୍ତ ଦାସ, ଆରତ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବୌଦ୍ଧ ଗବେଷକ ନୃସିଂହ ସାହୁଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ବୌଦ୍ଧ କୀ□ରାଜି ଗବେଷକ ଓ ସଂଗ୍ରାହକ ଡ. ନୃସିଂହ ଚରଣ ସାହୁ (୭୩)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ସାହୁ କାଏମା ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ବେଳେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିଥିଲେ । ବୌଦ୍ଧ ଗବେଷଣା ସହିତ ଗଜରାଜ ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠାକରି ଦେଶ ଓ ବିଦେଶର ବହୁ ଜିଜ୍ଞାସୁଙ୍କୁ ଧର୍ମଶାଳାରୁ ଆବିଷ୍କୃତ ବୌଦ୍ଧ କୀ□ରାଜି, ସଂସ୍କୃତି ଓ ଐତିହ୍ୟ ସଂପର୍କରେ ଦିଗ୍‌ଦର୍ଶନ ଦେଇ ଆସୁଥିଲେ । ତାଙ୍କ ବିୟୋଗ ଖବରପାଇ ଏ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଂଜଳି ଜଣାଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ରମେଶଚନ୍ଦ୍ର ସିଂ, ଗୋଲକ ପଲେଇ ପ୍ରମୁଖ ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଧର୍ମଶାଳା ମହାବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ସଦସ୍ୟ ସନ୍ତୋଷ କୁମାର ତରାଇ, ଅଧକ୍ଷ ତପନ କୁମାର ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ସେହିପରି ପ୍ରେସ୍‌କ୍ଲବ ଧର୍ମଶାଳା ଠାରେ ସ୍ୱର୍ଗତ ସାହୁଙ୍କ ମରଶରୀରରେ ପୂର୍ବତନ ସାଂସଦ ରୀତା ତରାଇ, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସଂପାଦକ ଅବିନେଶ୍ୱର ଶତପଥୀ, ଅଖିଳ କୁମାର ସ୍ୱାଇଁ, ମାନସ ରଂଜନ ଜେନା, ପ୍ରସନ୍ନ ପାଣି, ବିକ୍ରମ ମହାନ୍ତି, ବିନୋଦ ସାହୁ, ବିନୋଦ ପରିଡ଼ା, ରଶ୍ମିରଂଜନ ରାୟ, ସୁବ୍ରତ ଜେନା, ବିବେକାନନ୍ଦ ରାୟ, ପ୍ରଶାନ୍ତ ଗନ୍ତାୟତ, କିଶୋର ରାଉତ, ରୋଟାରିଆନ୍ ଅଜାମ୍ବର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ପରଲୋକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଶୋକବ୍ୟକ୍ତ କରିଛନ୍ତି । ତାଙ୍କ ଜନ୍ମସ୍ଥାନ କାଏମା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପୁତ୍ର ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ ।

## ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ




କେନ୍ଦୁଝର (ପିଏନ୍): ସ୍ୱାଧିନତାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ଅଭିଯାନକୁ ଅଧିକ ଫଳପ୍ରସୂ କରିବା ପାଇଁ କେନ୍ଦ୍ର ସରକାରଙ୍କ ନେସନ ଓ ପେନସନଭୋଗୀ କଲ୍ୟାଣ ବିଭାଗର ନିବେଦନକ୍ରମେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ, କେନ୍ଦୁଝର ଶାଖା ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ସଂଘର ସଭାପତି ଶଙ୍କର୍ଷଣ ମହାପାତ୍ର,ସମ୍ପାଦକ କୀ□ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ସାହୁ,ଶରତ ଚନ୍ଦ୍ର ପାତ୍ର,କ୍ଷେତ୍ରବାସୀ ନାୟକ,ଭଗବାନ ନାୟକ,ନବକିଶୋର ସିଂ,ଭଗବାନ ସାହୁ,ସରୋଜ କୁମାର ନାୟକ,ରାଜକିଶୋର ରାଉତ,ଖଗେଶ୍ୱର ମହାନ୍ତ,କୃପାସିନ୍ଧୁ ଗିରି,ବିଦ୍ୟାଧର ରଣା,ପ୍ରଭାକର ନାୟକ,ଅଶୋକ ଦାସ ପ୍ରମୁଖ ବିଦ୍ୟାଳୟ ପରିସରକୁ ସଫାସୁତୁରା କରିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁନା ଚନ୍ଦ୍ର ଜେନା ଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ତିଲୋ□ମା ସାହୁ,ଶିକ୍ଷକ ବିଜୟ କୁମାର ମିଶ୍ର,ଉମାଶଙ୍କର ମିଶ୍ର,ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ,ରଶ୍ମିତା ରାଣୀ ମଲ୍ଲିକ,ସ୍ୱର୍ଣ୍ଣଲତା ନାୟକ ସହଯୋଗ କରିଥିଲେ। ଏଥିପୂର୍ବରୁ ଗତ ୧୨ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପାଞ୍ଚ ଗୋଟି ପର୍ଯ୍ୟାୟରେ ଅବସରପ୍ରାପ୍ତ କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ଇତିମଧ୍ୟରେ ଓମ୍ ବିହାର ଶିବ ମନ୍ଦିର ପରିସର,କାଶିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବଡଡେରା ସରକାରୀ ପ୍ରାଥମିକ ବିଦ୍ୟାଳୟ,ବଡଡେରା ଶିଶୁ ପାର୍କ,କାଶିପୁର ଲକ୍ଷ୍ମୀମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇ ସଫେଇ କରାଯାଇ ଅଳିଆ ଆବର୍ଜନା ମୁକ୍ତ କରାଯାଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବେଆଇନ ନିର୍ମାଣ ଉଚ୍ଛେଦ ଦାବିରେ ତହସିଲ ସମ୍ମୁଖରେ ଧାରଣା

ସାଲେପୁର, (ପି.ଏନ):ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ଓରତି ପଂଚାୟତର କେତେକ ଅଜଣା ବ୍ୟକ୍ତି ଗୋଚର ଚକନାଳୀ କିସମ ଜମିକୁ ଜବରଦଖଲ କରିଛନ୍ତି । ଏହି ଜମିରେ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛନ୍ତି । ଯାହାଦ୍ୱାରା ଏହି ପଂଚାୟତର ଅସରପଡା, କୃଷ୍ଣଦାସପୁର, ଦିଆନପୁର ରାଜସ୍ୱ ଗ୍ରାମର ବାସିନ୍ଦାମାନଙ୍କ ପାଇଁ ବହୁ ସମସ୍ୟା ହେବାର ଆଶଙ୍କା ପ୍ରକାଶ ପାଇଛି । ସଂପୂର୍ଣ୍ଣ ସରକାରୀ ନୀତି ନିୟମକୁ ଉଲଘଂନ କରାଯାଇ ଗୋଚର ଓ ଚକନାଳୀ କିସମ ଜମିରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଉଚ୍ଛେଦ କରିବା ଏବଂ ନିର୍ମାଣ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଏହି ତିନି ଗ୍ରାମର ବାସିନ୍ଦାମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ଓ ଆଜି ଧାରଣା ଦେଇଥିଲେ । ଏହି ପଂଚାୟତର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗୋଚର କିସମ ଜମିରେ ଅସାମାଜିକ ବ୍ୟକ୍ତିମାନେ ଜୋରଜବରଦସ୍ତ ବେଆଇନ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି । ରାଜ୍ୟ ସରକାର ଜନସାଧାରଣଙ୍କର ମୌଳିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉଦ୍ୟମ ଜାରୀ ରଖିଥିବା ବେଳେ ଶାସନରେ ସ୍ୱଚ୍ଛତା ନିମନ୍ତେ ଫାଇଭ-ଟି ଭଳି ଏକ ନୂତନ ବିଭାଗ ସୃଷ୍ଟି କରିଛନ୍ତି । ହେଲେ ତହସିଲ ଓ ବ୍ଲକ ପ୍ରଶାସନର ଜ୍ଞାତ ସାରରେ ଏଭଳି ବେଆଇନ ନିର୍ମାଣ କରାଯାଉଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ଏହି ତିନି ଗ୍ରାମର ବାସିନ୍ଦାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ତିନି ରାଜସ୍ୱ ଗ୍ରାମରେ ବହୁ ମଧ୍ୟବିତ, ଚାଷୀ ଓ ଦଳିତ ପରିବାରର ଲୋକମାନେ ବସବାସ କରିଥାଆନ୍ତି । ଗୋଚର ଜମି ଗୁଡିକୁ ଜବରଦଖଲ କରିବା ପରେ ସେମାନେ ଘରେ ପଶୁଥିବା ଗୃହପାଳିତ ପ୍ରାଣୀମାନଙ୍କୁ କେଉଁଠାରେ ଚରାବୁଲା କରାଇବେ ସେ ନେଇ ଚିନ୍ତାରେ ପଡିଛନ୍ତି । ସେହିପରି ଚକନାଳକୁ ଜବରଦଖଲ କରିବା ଦ୍ୱାରା ଚାଷକ୍ଷେତକୁ ଜଳସେଚନରେ ପ୍ରତିବନ୍ଧକ ସୃଷ୍ଟି ହେବ । ଯାହାଦ୍ୱାରା ଚାଷୀମାନେ ସମସ୍ୟାରେ ପଡିବେ । ତେଣୁ ଏହି ବେଆଇନ ନିର୍ମାଣକୁ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ପାଇଁ ଯୋରଦାର ଦାବି ହୋଇଛି ।ଅଶୋକ ସାହୁଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଧାରଣାସ୍ଥଳରେ ବିଦ୍ୟାଧର ଦାସ, ଚନ୍ଦ୍ରମଣୀ ସେଠୀ, ବୈରାଗୀ ସେଠୀ, ଅଜୟ କୁମାର ମଲ୍ଲିକ, ପ୍ରମୋଦ ମଲ୍ଲିକ, ମନୋଜ କୁମାର ମଲ୍ଲିକ, କାଶୀନାଥ ମଲ୍ଲିକ, ସରୋଜ କୁମାର ମଲ୍ଲିକ, କେଶବ ଦାସ, ରଂଜନ କୁମାର ମଲ୍ଲିକ, ଅଚ୍ୟୁତାନନ୍ଦ ମଲ୍ଲିକ, ଧନେଶ୍ୱର ମଲ୍ଲିକ, ବାବାଜୀ ଚରଣ ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ତହସିଲଦାର ଦିଲ୍ଲିପ କୁମାର ନାୟକ ଧାରଣାକାରୀମାନଙ୍କୁ ଡାକି ତାଙ୍କ ସହିତ ଆଲୋଚନା କରି ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରିବାର ପ୍ରତିଶୃତି ଦେବା ସହ ଏକ ଦାବିପତ୍ର ଗ୍ରହଣ କରିଥିଲେ ।

## ଗୋପୀ ପାଙ୍ଗୀ ଜିତିଲେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦବୀ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ୮ ନମ୍ବର ଜୋନ୍ କେସିସି ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଦରରେ ଥିବା ବୁଟିଗୁଡା ପ୍ରାଥମିକ ବିଦ୍ୟାଳୟରେ ୮ ନମ୍ବର ଜୋନର କୁଡୁମୁଲୁଗୁମ୍ମା, କୋରକୁଣ୍ଡା, ଗୋବିନ୍ଦପାଲି ଏବଂ ମାଥିଲି ଆଦି ଲ୍ୟାମ୍ପଗୁଡିକ ପାଇଁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଜୋନ ୮ର ନିର୍ଦ୍ଦେଶକ ପଦବୀ ନିମନ୍ତେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଗୋପୀ ପାଙ୍ଗି ଏବଂ ସ୍ଥାନୀୟ ଅଂଚଳର ଜଣେ ଜନ ନେତା ହଳଧର କୋପେ ନାମାଙ୍କନ ଦାଖଲ କରିଥିଲେ । ତେବେ ଗତକାଲି ଏନେଇ ଭୋଟିଂ କରାଯାଇଥିବା ବେଳେ ମୋଟ ୬୦ଟି ଭୋଟ ମଧ୍ୟରୁ ୪୬ ଜଣ ଭୋଟ ଦେଇଥିଲେ । ଏହି ୪୬ ଭୋଟ ମଧ୍ୟରୁ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଗୋପୀ ପାଙ୍ଗି ୩୯ଟି ଓ ହଳଧର କୋପେ ୭ଗୋଟି ଭୋଟ ଲାଭ କରିଥିଲେ । ଫଳରେ ୩୨ଗୋଟି ଭୋଟ ଅଧିକ ପାଇଥିବା ଶ୍ରୀ ପାଙ୍ଗିଙ୍କୁ ବିଜୟୀ ଘୋଷଣା କରଯାଇଥିଲା ।ଏହି ନିର୍ବାଚନ ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପୁର୍ଣ୍ଣ ଚନ୍ଦ୍ର ବାକା, ମାଲକାନଗିରି ଜିଲ୍ଲା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ଉପାଦେଷ୍ଟା ରାଜେନ୍ଦ୍ର ପଣ୍ଡା, କୋରାପୁଟ ସମବାୟ ଲ୍ୟାମ୍ପ ନିର୍ଦ୍ଦେଶକ ତଥା ବରିଷ୍ଠ ବିଜେଡି ନେତା ଉଦୟନାଥ ମାଦ୍ରି, ଗୋପାଳ ପଣ୍ଡା, ମହେଶ କୁମାର ବାକା, ବଲୀ ମାଝୀ, ଜେ.ଶ୍ରୀନିବାସ ରାଓ, ସାଧୁ ହନ୍ତାଳ, ତ୍ରିଲୋଚନ ଚୌଧରି, ହେମନ୍ତ କୁମାର ଦାସ, ଭଗବାନ ସାହୁ, ଅର୍ଜୁନ ଓଡି, ସୁଧିର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

## ନବ ନିର୍ବାଚିତ ସରପଂଚମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, (ପି.ଏନ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଓ ଓଡିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ନବ ନିର୍ବାଚିତ ସରପଂଚମାନଙ୍କ ପାଂଚ ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ଅକ୍ଟୋବର ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା, କୋଲାବିରା ଓ ଲଇକେରା ବ୍ଲକର ନବ ନିର୍ବାଚିତ ସଇଁତିରିଶ ଜଣ ସରପଂଚ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫାଇଭ -ଟି ଓ ମୋ ସରକାର, ସଶକ୍ତ ଗ୍ରାମସଭା, ଅର୍ଥ ଆୟୋଗ ଅନୁଦାନ, ଗ୍ରାମପଂଚାୟତ ବିକାଶ ଯୋଜନା, ଗ୍ରାମ ପଂଚାୟତିର ଆର୍ଥିକ ପରିଚାଳନା, ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ବାସଗୃହ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମହିଳା ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରୀଡା, ବିଦ୍ୟାଳୟ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିକାଶ, ଖାଦ୍ୟ ଯୋଗାଣ, ଇ-ପ୍ରଶାସନ ଓ ଅନ ଲାଇନ ସେବା, କୃଷି, ମତ୍ସ୍ୟ ପାଳନ ଓ ପଶୁ ସମ୍ପଦ, ବିପର୍ଯ୍ୟୟ ପରିଚାଳନାରେ ଗ୍ରାମ ପଂଚାୟତର ଭୂମିକା, ସାମାଜିକ ଗଣମାଧ୍ୟମର ଭୂମିକା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହି ଅବସରରେ ସରପଂଚମାନଙ୍କ ପାଇଁ କ୍ଷେତ୍ର ପରିଦର୍ଶନର ଆୟୋଜନ କରାଯାଇଥିଲା ।ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତିଦିନ ପୂର୍ବଦିନ ପ୍ରଶିକ୍ଷଣର ମୁଖ୍ୟାଂଶ ଆଲୋଚନା ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖୋଲାମଂଚ ଆଲୋଚନା, ଆତ୍ମସମୀକ୍ଷା ଓ ସଂକଳ୍ପ ସହ ପ୍ରଶିକ୍ଷଣର ମୂଲ୍ୟାଙ୍କନ କରାଯାଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ଆଦର୍ଶ ଗ୍ରାମ ପଂଚାୟତ ଗଠନ ଦିଗରେ ସରପଂଚମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ନିଜ ନିଜ ପଂଚାୟତକୁ ଅଗ୍ରଣୀ ପଂଚାୟତରେ ପରିଣତ କରିବା ଦିଗରେ ଯତ୍ନବାନ ପୂର୍ବକ ଆନ୍ତରିକତାର ସହ ଦାୟିତ୍ୱ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ପଂଚାୟତ ଅଧିକାରୀ ଅମ୍ବରିଷ ରଥ, ଜିଲ୍ଲା ପରିଷଦ ଯୋଜନା ପରିଚାଳିକା (ପ୍ରଶିକ୍ଷଣ) ସୋମାନୀ ସାହୁ ସରପଂଚ ମାନେ ଦାୟିତ୍ୱ ନିର୍ବାହ ସମୟରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଉଲ୍ଲେଖ କରିବା ସହ ଦକ୍ଷତା ବିକାଶ ଦ୍ୱାରା କିପରି ପଂଚାୟତ କାର୍ଯ୍ୟ ପରିଚାଳନାକୁ ଶସକ୍ତ ଓ ସଙ୍ଗଠିତ କରାଯାଇପାରିବ ତା ଉପରେ ଆଲୋକପାତ କରିଥିଲେ । ମା'' ସମଲେଶ୍ୱରୀ ଏଜୁକେସନ ଓ ୱେଲଫେୟାର ଟ୍ରଷ୍ଟ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଛି ।

## ଜୟପୁର ଏୟାରପୋର୍ଟରୁ ବିମାନ ଉଡିଲା, ଅବିଭକ୍ତ କୋରାପୁଟ ଜିଲାରେ ଖୁସିର ଲହରି

ଜୟପୁର, (ପି.ଏନ): ଅବିଭକ୍ତ କୋରାପୁଟ ଜିଲାର ବହୁ ବର୍ଷର ଦାବି ପୁରଣ ହୋଇଛି । ଜୟପୁର ଏୟାର ପୋର୍ଟରୁ ସବୁ ଦିନିଆ ବିମାନ ଉଡାଣ ହୋଇଛି । ଉଡାନ ଯୋଜନାରେ ଜୟପୁର ଏୟାରପୋର୍ଟ ରୁ ବିମାନ ଉଡିଛି । ଭୁବନେଶ୍ୱର ଏୟାରପୋର୍ଟରେ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ବିମାନ ଉଡାଣର ଶୁଭାରମ୍ଭ କରିଛନ୍ତି । ଜୟପୁରରେ ବିମାନ ଅବତରଣ କରିବା ପରେ ବାଜା, ନାଚ ଗୀତରେ ପରିବେଶ ଦୁଲୁକିଥିଲା । ବିମାନରେ ଆସିଥିବା ଯାତ୍ରୀ ମାନଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଯାଇଥିଲା । ଜୟପୁର ଏୟାରପୋର୍ଟରେ କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ଏସପି ବରୁଣ ଗୁଣ୍ଡପାଲ୍ଲି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, କୋରାପୁଟ ବିଜେଡି ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି, କୋରାପୁଟ ସାସଂଦ ସପ୍ତଗିରି ଉଲ୍ଲକା, କୋରାପୁଟ ବିଧାୟକ ରଘୁରାମ ପାଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରତିମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, କୋଟପାଡ ବିଧାୟକ ପଦ୍ମିନି ଦିଆନ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ର ଶେଖର ମାଝୀ, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା ଉପସ୍ଥିତ ଥିବା ବେଳେ ଭୁବନେଶ୍ୱରରୁ ପ୍ରଥମ ଯାତ୍ରୀ ଭାବେ ବିଜେପି ନେତା ଭୃଗୁ ବକ୍ସିପାତ୍ର ଜୟପୁରରେ ପହଂଚି ଥିଲେ । ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଉପ ଜିଲାପାଳ ବେଦବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମାଙ୍କ ସମେତ ସମସ୍ତ ରାଜନୈତିକ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ । ପୂର୍ବତନ ଜିଲାପାଳ ଉଷା ପାଢୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଫାଇଭ-ଟି ସଚିବ ଭି କେ ପାଣ୍ଡିଆନ, କୋରାପୁଟ ଜିଲାପାଳ, ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ସାମନ୍ତରାୟଙ୍କୁ ଜୟପୁର ବିଧାୟକ ତାରା ପ୍ରସାହ ବାହିନିପତି ଧନ୍ୟବାଦ ଦେଇଛନ୍ତି । ବିଧାୟକ ବାହିନିପତି ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହ ବିମାନ ଉଡିବା ନେଇ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ସହଯୋଗ କରିଥିଲେ । ଆଜି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଉଡାନ ଯୋଜନାରେ ସବୁ ଦିନିଆ ବିମାନ ଚଳାଚଳ କରିଛି । ଏହି ଅନୁମତି ପତ୍ର ବିଭାଗ ପକ୍ଷରୁ ଓଡିଶା ସରକାରଙ୍କୁ ଦିଆଯାଇଛି । ଏହି ଅନୁମତି ପ୍ରକାରେ ଜୟପୁର ଏୟାରପୋର୍ଟରୁ ପ୍ରତ୍ୟେହ ସମାନ ସମୟରେ ଏରୋଡ୍ରମରୁ ଯାତ୍ରୀ ମାନଙ୍କୁ ନେଇ ବିମାନ ଚଳ ପ୍ରଚଳ କରିବ ।ଦୀର୍ଘ ବର୍ଷ ଧରି ଅବିଭକ୍ତ କୋରାପୁଟ ଜିଲା ସହ ଜୟପୁର ସହର ବାସୀ ବିମାନ ସେବାକୁ ଅପେକ୍ଷା କରି

## ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୨୨ ପାଳନ

ଝାରସୁଗୁଡ଼ା, (ପି.ଏନ୍) ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, ୨୦୨୨ ପାଳିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ପରିଚାଳନା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ, ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ, ପିଡି ( ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ଗିତିକା ନାଏକ ପ୍ରମୁଖ ୧୯୯୯ ମହାବାତ୍ୟାର ସ୍ମୃତି ଚାରଣ ପୂର୍ବକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ବିଭାଗ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବୋପରି ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ରଣନୀତି ଓ ସଫଳ ମୁକାବିଲା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ପ୍ରାକ୍ ପ୍ରସ୍ତୁତି ଓ ସଚେତନତା ହିଁ ଧନ ଜୀବନ ସୁରକ୍ଷା କରିବାରେ ସହାୟକ ହୋଇଥାଏ ବୋଲି ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନେ ମତପ୍ରକାଶ କରିଥିଲେ। ପୂର୍ବରୁ ଅନୁଷ୍ଠିତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ପୁରସ୍କାର ଓ ପ୍ରଶଂସାପତ୍ର ବିତରଣ କରାଯାଇଥିଲା ।ଜିଲ୍ଲା ଜରୁରୀ ଅଧିକାରୀ ପ୍ରତିମା ପିଙ୍ଗ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିପିଓ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ୍ରାଫ ବାହିନୀ ବିଭିନ୍ନ ଯନ୍ତ୍ରପାତି ସହାୟତାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଧନଜୀବନ ରକ୍ଷା କରାଯାଏ ତାର ନମୁନା ପ୍ରଦର୍ଶନ କରିଥିଲେ । ଜିଲ୍ଲା ଜରୁରୀ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ପୋଲିସ ରକ୍ଷକ ହୋଇ ଭକ୍ଷକ ସାଜିଛି: ବିଜେପି

ଭୁବନେଶ୍ୱର , (ପି.ଏନ):ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ଶାସକ ଦଳର ଦୌରାତ୍ମ୍ୟ ସେତିକି ବଢ଼ିଚାଲିଛି। ପୋଲିସ ପ୍ରଶାସନ ଓ ସରକାରୀ କଳକୁ ବ୍ୟବହାର କରି ଭୋଟରଙ୍କୁ ଟଙ୍କା ବାଂଟିବାରେ ବାରମ୍ବାର ଏସ୍ଏଚ୍‌ଜି ମହିଳାମାନଙ୍କୁ ଅସ୍ତ୍ର କରିଛି ବିଜୁ ଜନତା ଦଳ। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଦାୟିତ୍ୱରେ ଥିବା ପୋଲିସ ଅପରାଧିଙ୍କୁ ଖସାଇ ଦେଇ ନିଜେ ରକ୍ଷକ ହୋଇ ଭକ୍ଷକ ସାଜିଛି। ପୋଲିସର କାର୍ଯ୍ୟକୁ ଜନସାଧାରଣ କରୁଥିଲାବେଳେ ପୋଲିସ ସରକାରୀ ଦଳର ହାତବାରିସି ହୋଇ ହାତବାନ୍ଧି ବସିଛି। ଧାମନଗରରେ ପୋଲିସକୁ ଓଲଟା ଜଗିଛନ୍ତି ସାଧାରଣ ଜନତା। ଯାହାର ତଥ୍ୟ ପ୍ରମାଣ ସହ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ସିଇଓଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି ।ଦାୟିତ୍ୱରେ ଅବହେଳା କରି ଶାସକ ଦଳକୁ ପକ୍ଷପାତିତା ଦେଖାଉଥିବା ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇଓଙ୍କଠାରେ ବିଜେପି ଦାବି କରିଛି। ପୁନର୍ବାର ସରକାରୀ କର୍ମଚାରୀ ଓ ପୋଲିସ ପ୍ରଶାସନ ଯଦି ଏଭଳି କାର୍ଯ୍ୟରୁ ନିବୃତ୍ତ ନହୁହନ୍ତି ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରନ୍ତି ତେବେ ଆଚରଣ ବିଧି ଅନୁଯାୟୀ ଭାରତୀୟ ଜନତା ପାର୍ଟି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଶ୍ରୀ ମଲ୍ଲିକ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳିରେ ଉପସଭାନେତ୍ରୀ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତ ଦିନିଆ ରୋଗ ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୩୧ ଅକ୍ଟୋବର (ହି.ସ.)- ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଶୀତଦିନିଆ ରୋଗ ପ୍ରତିରୋଧ ପାଇଁ ସାବଧାନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ଶୀତଦିନେ ଅଧିକ, ଧୂଳି ଓ ପୁଷ୍ପରେଣୁ ଉଡୁଥିବାରୁ ମାସ୍କ ପିନ୍ଧନ୍ତୁ, ପୁରାଶରୀରକୁ ଘୋଡାଇ ରଖନ୍ତୁ, ସଫା ରଖନ୍ତୁ, ସୋରିଷ ତେଲ କିମ୍ବା ଗୁଲୁଚି ତେଲ ମାଲିସ୍ କରନ୍ତୁ। ଫଳରେ ଚର୍ମରୋଗ ଓ ଥଣ୍ଡା ହେବନାହିଁ। ଗରମ ଲୁଗା, ଟୋପି ପିନ୍ଧନ୍ତୁ। ସଜ ଶାଗ, ପରିବା, ଫଳ, ଉଷ୍ମଜଳ ଓ ଖାଦ୍ୟ ସେବନ କରନ୍ତୁ। ସବୁ ଶିରା ଧମନୀ ସଙ୍କୁଚିତ ହୋଇ ହୃଦଘାତ, ଗଣ୍ଠିବାତ ଭୟ ଥାଏ, ଶୀତରୁ ନିଜକୁ ରକ୍ଷା କରନ୍ତୁ। ରକ୍ତଚାପ ଅଳ୍ପ ଅଧିକ ରହିବ ଭୟ କରନ୍ତୁ ନାହିଁ। ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ।ଶିବିରର ପ୍ରାୟୋଜକ ଥିଲେ ଜୟନ୍ତୀ ଲାଲ ନରସି ଚୌହାନ ଓ ପରିଚାଳନାରେ ସହଯୋଗ କରିଥିଲେ ଗଣେଶ ପ୍ରସାଦ ପରିଛା ଓ ସଭ୍ୟ ସଭ୍ୟା।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନର ଦିନିକିଆ କର୍ମଶାଳା

ସାକ୍ଷୀଗୋପାଳ, (ପି.ଏନ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ନିଶାମୁକ୍ତ ଭାରତ ଅଭିଯାନର ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଭା', ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ତଥା ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କର ସହଯୋଗରେ ଏହି ତାଲିମ ଶିବିରଟି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ଯୁବ ପିଢ଼ିଙ୍କୁ ନିଶା କବଳରୁ ମୁକ୍ତ ହେବାପାଇଁ ପରାମର୍ଶ ଦେବା ସହିତ ନିଶା ମୁକ୍ତ ସମାଜ ଗଠନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ।'ଆଭା ' ର ସଭାପତି ସୁଧୀର ଚନ୍ଦ୍ର ଦାସ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଏକ ପିପିଟି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜାତୀୟ ସେବା ସଂସ୍ଥାର ଅଧିକାରୀ ପ୍ର. ରତ୍ନାକର ସାହୁ କାର୍ଯ୍ୟକ୍ରମରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ କର୍ମଶାଳାଟିକୁ ପରିଚାଳନା କରିଥିଲେ।ପ୍ରାରମ୍ଭରେ ସଂସ୍କୃତ ବିଭାଗର ଅଧାପିକା ପ୍ର. ସସ୍ମିତା ପ୍ରଧାନ ବେଦ ମନ୍ତ୍ର ଉଚ୍ଚାରଣ କରିଥିଲେ। ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସର ଅଧିକାରୀ ପ୍ର. ଶଙ୍କର୍ଷଣ ପ୍ରଧାନ, ପ୍ର. ମନୋଜ ପରିଡ଼ା, ପ୍ର. ନଳିନୀ ଲୋଚନ ଦାଶ, ଆଭାର କୋଷାଧକ୍ଷ ରାଜେନ୍ଦ୍ର ପ୍ରସାଦ ରଥ ଏବଂ ବିଜୟ କିଶୋର ନାୟକ ପ୍ରମୁଖ କର୍ମକର୍ତା ତାଲିମ ଶିବିରଟିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହିତ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ପରିଶେଷରେ ପ୍ର. ଚନ୍ଦ୍ରଶେଖର ତ୍ରିପାଠୀ ତାଲିମ ଶିବିରର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଖୋର୍ଦ୍ଧା, (ପି.ଏନ): ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୩୧ଅକ୍ଟୋବର୨୦୨୨ରୁ ୦୬ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ମାଧ୍ୟମରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥପାଠ କରାଇଛନ୍ତି । ଏହି ମର୍ମରେ ଜିଲ୍ଲା କାର୍ଯ୍ୟାଳୟ ଓ ବିଭିନ୍ନ ବ୍ଲକସ୍ଥିତ ଓସଓ୍ୱାନ ହଲରେ ଅଧିକାରୀ ଓ କର୍ମଚାରୀମାନେ ସତ୍ୟନିଷ୍ଠର ଶପଥ ନେଇଛନ୍ତି ।ଜଟଣୀ ବ୍ଲକରେ ଆଜି ଜନଶୁଣାଣି ଶିବିର ଥିବାରୁ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପ ଜିଲ୍ଲାପାଳ ଦେବବ୍ରତ ସାହୁ, ସଂପୃକ୍ତ ବିଡିଓ ଓ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ବ୍ଲକ ଓସଓ୍ୱାନ ହଲରେ ଯୋଗଦେଇ ଶପଥ ନେଇଥିଲେ। ସେହିଭଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ କକ୍ଷରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଆପଦ କାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଶପଥପାଠରେ ସାମିଲ ହୋଇଥିଲେ ।ଅନୁରୂପ ଭାବେ ବିଭିନ୍ନ ବ୍ଲକରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ମଧ୍ୟ ଯୋଗଦେଇଥିଲେ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday November 02, 2022 ଭୁବନେଶ୍ୱର ବୁଧବାର, ନଭେମ୍ବର ୦୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପ ବନ୍ଦର ଚିକିତ୍ସାଳୟରେ ଜରୁରୀକାଳୀନ କେନ୍ଦ୍ର ଉଦ୍‌ଘାଟିତ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଚିକିତ୍ସାଳୟରେ ଏକ ସୁସଜ୍ଜିତ ଜରୁରୀକାଳୀନ ବିଭାଗ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଚିକିତ୍ସାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜରୁରୀକାଳୀନ ସେବା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ, ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡାଙ୍କ ସମେତ ବନ୍ଦରର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଜରୁରୀ ସେବା କେନ୍ଦ୍ର ଚବିଶ ଘଂଟା କାର୍ଯ୍ୟକ୍ଷମ ରହିବ । ତେବେ ଚିକିତ୍ସାଳୟରେ ଏହି ବିଭାଗ ପ୍ରତିଷ୍ଠା ଦ୍ୱାରା ବନ୍ଦରର ଦୀର୍ଘ ଦିନର ଆବଶ୍ୟକତାକୁ ପୂରଣ ହୋଇଥିବା ଜଣା ପଡିଛି ।

## ପୁରୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପୁରୀ, (ପି.ଏନ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ, ଜନ ଶିକ୍ଷଣ ସଂସ୍ଥାନ, ଜଂଗଲି କ୍ଲବ, ଡିଫେନ୍ସ କ୍ଲବ, ପଂଚମୁଖୀ କ୍ଲବର ମିଳିତ ଆନୁକୂଲ୍ୟରେ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା । ଶ୍ରୀମନ୍ଦିର ନିକଟରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏହି ଏକତା ଦୌଡ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହା ପୂର୍ବରୁ ଉପସ୍ଥିତ ସମସ୍ତ ଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ଅକ୍ଷୂର୍ଣ୍ଣ ରଖିବା ପାଇଁ ଏକ ଶପଥ ପାଠ କରାଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟ ଶଙ୍କର ଯୋଶୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏକତା ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ।

## ମା ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ



ଭୁବନେଶ୍ୱର,(ପି.ଏନ): ନୀଳାଦ୍ରି ବିହାର ସେକ୍ଟର ଏକ ସ୍ଥିତ ମା ତାରିଣୀ ମନ୍ଦିରର ୧୩ ତମ ବାର୍ଷିକ ଉତ୍ସବ ମୋହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିନାତ୍ମକ ଧାର୍ମିକ ଉତ୍ସବରେ ସକାଳ ସମୟରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସୂର୍ଯ୍ୟପୂଜା,ଯଜ୍ଞାରମ୍ଭ, ଚଣ୍ଡିପାଠ,ସନ୍ଧ୍ୟା ଆଳତୀ,ପୂର୍ଣ୍ଣାହୂତି ହୋଇଥିଲା । ଦୀର୍ଘ ଦିନ ଧରି ସେକ୍ଟର ୧ ଠାରେ ପୂଜା ପାଉଥିବା ମାଙ୍କର ଏହି ବାର୍ଷିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ମାଙ୍କ ଆଶୀର୍ବାଦ ଲାଭ କରିଥିଲେ । ରାତିରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିନ୍‌ଦାସ କ୍ଲବର ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ଚନ୍ଦ୍ରାଲୋକ ମାର୍କେଟ୍ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ସାହାର୍ଯ୍ୟ ସହଯୋଗ କରିଥିଲେ ।

## ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାରେ ଶହେ ଫୁଟରୁ ଉର୍ଦ୍ଧ ଘାଇ

ସାଲେପୁର, (ପି.ଏନ):କଟକ ଜିଲ୍ଲା ମାହାଙ୍ଗା ବ୍ଲକର ଭେଡା ପଂଚାୟତ ଅନ୍ତର୍ଗତ ତ୍ରିବେଣୀଶ୍ୱର ଠାରେ ପଟ୍ଟାମୁଣ୍ଡାଇ କେନାଲ ବାମପାର୍ଶ୍ୱ ବନ୍ଧ ତଥା କୁଆଁପାଳ-ଗୋପୀନାଥପୁର ପୂର୍ତ୍ତବିଭାଗ ରାସ୍ତାରେ ଶହେ ଫୁଟ୍ ରୁ ଉର୍ଦ୍ଧ୍ୱ ଏକ ବିରାଟ ଘାଇ ସୃଷ୍ଟି ହୋଇଛି । ଫଳରେ କେନାଲ ବନ୍ଧ ପାର୍ଶ୍ୱରେ ଥିବା ଏକ ଦୁଇ ମହଲା କୋଠା ସହ ଆଠଗୋଟି ଦୋକାନ ଗୃହ ସମେତ ଦୋକାନ ଗୁଡିକର ସମସ୍ତ ଜିନିଷପତ୍ର ବିରୂପା ନଦୀରେ ଭାସିଯିବା ଘଟଣା ଏ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ଏହି ଘାଇ ସୃଷ୍ଟି ହେବା ଫଳରେ କେନାଲ ବନ୍ଧ ପାର୍ଶ୍ୱରେ ଥିବା ଆଲୋକ ନାୟକଙ୍କ ଜନସେବା କେନ୍ଦ୍ର, ଅରୁଣ ରାଉତଙ୍କ ଟେଣ୍ଟ ହାଉସ, ସୁଶାନ୍ତ ସାମଲ ଗ୍ରୋସରୀ ଦୋକାନ, ଦେବଦତ ସାହୁ କ୍ଷେସନାରୀ, ବିକାଶ ଘଡାଇ ସାନିଟାରୀ, ପିତାମ୍ବର ସାହୁ ଲୁହାକଣ୍ଟା ଓ ଅଲୀ ଫ୍ରେବ୍ରିକେସନର ଦୋକାନ ଗୃହ ବିରୂପା ନଦୀରେ ସଂପୂର୍ଣ୍ଣ ବିଲୀନ ହୋଇଥିଲା ବେଳେ ଆନୁମାନିକ ୫୦ ଲକ୍ଷରୁ ଉର୍ଦ୍ଧ ଦୋକାନ ସାମଗ୍ରୀ ନଦୀରେ ଭାସିଯାଇଛି । ଯାହାଫଳରେ ସଂପୃକ୍ତ ବ୍ୟବସାୟୀମାନେ ସର୍ବସାନ୍ତ ହୋଇଯାଇଛନ୍ତି । ଏହି ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା । ବନ୍ଧ ରାସ୍ତାରେ ଘାଇ ହେବା ଫଳରେ ଏହି ରାସ୍ତା ଦେଇ ଗମନାଗମନ ସଂପୂର୍ଣ୍ଣ ଠପ୍ ହୋଇଯାଇଛି । ଘାଇ ହେବା ସ୍ଥାନରେ ରାସ୍ତାର ଓସାର ୧୪ ଫୁଟରୁ ଉର୍ଦ୍ଧ୍ୱ ହୋଇଥିଲା ବେଳେ ରାସ୍ତା ପାର୍ଶ୍ୱ ସୁଦୃଢ ରହିଥିଲା । ସେହି ସ୍ଥାନରେ କିଭଳି ଘାଇ ସୃଷ୍ଟି ହେଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ଏକ ମନୁଷ୍ୟାକୃତ ଘାଇ ହୋଇପାରେ ବୋଲି ସାଧାରଣରେ ଅଭିଯୋଗ ହୋଇଛି । ପୂର୍ବରୁ ଏହି ସ୍ଥାନର ପାଖାପାଖି ଅଂଚଳରେ ଏକାଧିକବାର ଘାଇ ସୃଷ୍ଟି ହୋଇଥିବା ବେଳେ ଏଭଳି ଏକ ସୁଦୃଢ ରାସ୍ତାରେ କେନାଲ ବନ୍ଧରେ ଘାଇ ହେବାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି ।

## ବିଏସଏଫ ତରଫରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ସ୍ଥିତ ଡାରଉଇନ୍ ମେମୋରିଆଲ ଡିଗ୍ରି ମହାବିଦ୍ୟାଳୟରେ ବିଏସଏଫ ୧୫୧ ବାଟାଲିୟନ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ଆଜି ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଏସଏଫ ୧୫୧ ବାଟାଲିୟନର କମାଣ୍ଡର ନୀରଜ କୁମାର ଶର୍ମା, ସବ୍ ଇନ୍ସପେକ୍ଟର ଭିପିନ୍ କୁମାର, ଆସିଷ୍ଟାଂଟ ସବ୍ ଇନ୍ସପେକ୍ଟର ସତାପା, ହେଡ କନଷ୍ଟେବଳ ଏମ୍.ବାଲକ୍ରିଷ୍ଣା, ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ ଓ ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ୍ ଅଫିସର ସଞ୍ଜିତା ଖୋସ୍ଲା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେଠାରେ ବି.ଏସ୍. ଏଫ୍ କମାଣ୍ଡର ଶ୍ରୀ ଶର୍ମା ଛାତ୍ରଛାତ୍ରୀ ମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ମହତ୍ୱ ଓ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ବିରଳ ପ୍ରତିଭାର ଧନୀ ସର୍ଦାର କିପରି ୫୬୫ ଗଡ଼ଜାତ ରାଜ୍ୟ ମାନଙ୍କୁ ଏକତାର ସୂତ୍ରରେ ବାନ୍ଧିଥିଲେ ଓ ଯାହାଙ୍କ ଯୋଗୁଁ ଏକ ଭାରତ ସର୍ବଶ୍ରେଷ୍ଠ ଭାରତର ମୂଳଦୁଆ ପଡ଼ିଥିଲା ।

## ଶ୍ରୀ ମନ୍ଦିର ପ୍ରଶାସନ କାର୍ତ୍ତିକ ପଂଚକରେ ୪ ଦ୍ୱାର ଖୋଲନ୍ତୁ: କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ଗତ ରବିବାର ଦିନ ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଭଳି ଅତ୍ୟଧିକ ଭିଡ଼ରେ ଭକ୍ତମାନେ ଅଣନିଶ୍ୱାସୀ ହୋଇପଡ଼ିଲେ, ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରୀ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କେତେକ ପରାମର୍ଶ ଦିଆଯାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ, ବିଶିଷ୍ଟ ସମାଜସେବୀ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ କହିଛନ୍ତି ଯେ କରୋନାର କଟକଣାକୁ ସରକାର କୋହଳ କରନ୍ତୁ ନ କରନ୍ତୁ, ସାଧାରଣ ଭାବେ ଆଉ କେହି ମାନିବାର ଦେଖାଯାଉ ନାହିଁ । କିନ୍ତୁ ଶ୍ରୀ ମନ୍ଦିର ପ୍ରଶାସନ କରୋନା ସମୟରେ ଶ୍ରୀମନ୍ଦିରର, ଅନ୍ୟ ତିନିଦ୍ୱାରକୁ ବନ୍ଦ କରି କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କ ପ୍ରବେଶ ବ୍ୟବସ୍ଥା କରିଥିଲେ । ପରବର୍ତ୍ତୀ ସମୟରେ ପୁରୀ ଅଧିବାସୀଙ୍କ ଦାବି ଫଳରେ ପଶ୍ଚିମଦ୍ୱାର ପୁରୀ ଅଧିବାସୀଙ୍କ ପାଇଁ ଖୋଲା ଯାଇଥିଲା । କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଚଳିତ କାର୍ତ୍ତିକ ମାସରେ ଯେଭଳି ଭିଡ଼ ଦେଖାଗଲା, ଦର୍ଶନର ସୁବନ୍ଦୋବସ୍ତ କରିବାପାଇଁ ରାଜ୍ୟ ସରକାର ତଥା ଶ୍ରୀ ମନ୍ଦିର ପ୍ରଶାସନର କୌଣସି ଚିନ୍ତା ଥିଲା ଭଳି ଜଣାପଡ଼ିଲା ନାହିଁ । ଯାହା ଫଳରେ ବିଗତ ଦିନ ମାନଙ୍କରେ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ଗଣମାଧ୍ୟମରୁ ଜଣାପଡୁଛି । ଆଗାମୀ କାର୍ତ୍ତିକ ପଂଚକରେ ଭିଡ଼ର ସମ୍ଭାବନାକୁ ଦେଖି ସରକାର ତଥା ଶ୍ରୀ ମନ୍ଦିର ପ୍ରଶାସନ ଶ୍ରୀ ମନ୍ଦିରର ଚାରି ଦ୍ୱାରକୁ ଖୋଲିବାର ବ୍ୟବସ୍ଥା କରନ୍ତୁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଡ. ଜ୍ଞାନେନ୍ଦ୍ର ଦୃଢ଼ ଦାବି କରିବା ସହ କାର୍ତ୍ତିକ ହବିଷ୍ୟାଳିଙ୍କୁ ସମାନ ଦୃଷ୍ଟିରେ ଦେଖିବାପାଇଁ ସେ ରାଜ୍ୟ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ଯେ କେବଳ ବୃନ୍ଦାବତୀ ନିବାସରେ ସରକାରୀ ହେପାଜତରେ ଯେଉଁ ହବିଷ୍ୟାଳିମାନେ ରହୁଛନ୍ତି ସେହିମାନଙ୍କୁ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ସୁବିଧା ମିଳିବ, ପୁରୀ ସହର ଓ ପଂଚକୋଷୀ ହବିଷ୍ୟାଳିଙ୍କୁ ଏହା ମିଳିବ ନାହିଁ, ପ୍ରଶାସନର ଏହା ଏକ ଦୁର୍ବଳ ମାନସିକତା । ସରକାର ତଥା ମନ୍ଦିର ପ୍ରଶାସନ ସମସ୍ତ ହବିଷ୍ୟାଳିଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ସେ ଶ୍ରୀମନ୍ଦିର ପ୍ରଶାସନ ତଥା ସରକାରଙ୍କୁ ନିବେଦନ କରିଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ମହିଳାଙ୍କ ପାଇଁ ଆୟୋଜିତ ହେବ କ୍ୟାନସର ପରିକ୍ଷଣ ଶିବିର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ କଟକର ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ଓ ଭୁବନେଶ୍ୱରର ଉତ୍କଳ ହେଲଥ କେୟାର ମିଳିତ ଆନୁକୁଲ୍ୟରେ ଆସନ୍ତା ନଭେମ୍ବର ୬ ତାରିଖରେ ବନ୍ଦର ଚିକିତ୍ସାଳୟ ଠାରେ ମହିଳାଙ୍କ ପାଇଁ ଏକ କ୍ୟାନସର ପରିକ୍ଷଣ ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଏହି ଶିବିର ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ । ଏହି ଶିବିରରେ ଅଭିଜ୍ଞ ଡାକ୍ତର ମାନେ ଗଳା, ମୁହଁ, ବ୍ରେଷ୍ଟ କ୍ୟାନସର ଇତ୍ୟାଦି ଉପରେ ମାଗଣାରେ ପରୀକ୍ଷା ସହ ଉପଚାର ନିମନ୍ତେ ପରାମର୍ଶ ଦେବେ । ଏହି ଶିବିରରେ ସହରର ଜନସାଧାରଣଙ୍କ ସମେତ ଗରିବ ଶ୍ରେଣୀର ଲୋକମାନେ ଉପକୃତ ହୋଇ ପାରିବେ । ଏତଦବ୍ୟତିତ ସମୁଦ୍ର ବେଳାଭୂମିରେ ଆଠ ଦିନ ବ୍ୟାପି ହେବାକୁଥିବା କଳିଙ୍ଗ ବାଲିଯାତ୍ରାରେ ପାରାଦରପ ବନ୍ଦର ପ୍ରାଧିକରଣ ଓ ରାଜ୍ୟ ସରକାରଙ୍କ ଓଏସଏସିଏସ ମିଳିତ ସହଯୋଗରେ ପ୍ରତ୍ୟେକ ଦିନ ସଂନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏଡସ୍ ଓ ମଧୁମେହ ରୋଗ ପରୀକ୍ଷା ଓ ସଚେତନତା ଅଭିଯାନ ଜାରୀ ରହିବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ତେବେ ପାରାଦୀପ ବନ୍ଦର ପ୍ରସାଶନ ପକ୍ଷରୁ ଏପରି ମହତ ଲୋକହିତକର କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପ୍ରାଣୀ ବିଜ୍ଞାନ ବିଭାଗର ଶିକ୍ଷାଭିତ୍ତିକ ପରିଭ୍ରମଣ



ବାରିପଦା, (ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର +୩ ପ୍ରାଣୀ ବିଜ୍ଞାନ ସମ୍ମାନର ଛାତ୍ରଛାତ୍ରୀମାନେ କ୍ଷେତ୍ରଗସ୍ତ ନିମନ୍ତେ ବାଙ୍ଗିରିପୋଷିସ୍ଥିତ ମୌଳିକ ଟସର ଭିଜାଗାର ଏବଂ ଶ୍ୟାମସୁନ୍ଦରପୁରରେ ଥିବା ଶ୍ୟାମସୁନ୍ଦରପୁର ଟସର ଚାଷୀ ସମବାୟ ସମିତି ଆଦି ବୁଲି ଟସର ଚାଷର ଭିତ୍ତି ଭୂମି ଦେଖିଥିଲେ । ଟସର ଚାଷ ପାଇଲଟ ପ୍ରଜେକ୍ଟ କେନ୍ଦ୍ରର ଅଧିକାରୀ ଶଶୀକାନ୍ତ ପାଣିଗ୍ରାହୀ ଟସର ଚାଷର ବିଭିନ୍ନ ବିଭାଗ, ବିଭିନ୍ନ ପ୍ରଣାଳୀ ଓ ଟସର ପୋକର ଲାଳନ ପାଳନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହିତ ବିଭିନ୍ନ ଯନ୍ତ୍ରପାତି ଓ ଅଣୁବିକ୍ଷଣ ଯନ୍ତ୍ର ଆଦିର ବ୍ୟବହାର ବିଷୟରେ ବୁଝାଇଥିଲେ । ଟସର ପୋକମାନଙ୍କର ରୋଗ ଓ ତାର ପ୍ରତିକାର ପ୍ରତିକାର ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଛାତ୍ରଛାତ୍ରୀମାନେ ଭୁଆଶୁଣିରେ ଥିବା ଟସର ଚାଷୀ ସମବାୟ ସମିତି ମଧ୍ୟ ବୁଲି ଦେଖିଥିଲେ । ଛାତ୍ରଛାତ୍ରୀମାନଙ୍କ ସହିତ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧାପିକା ଅଭିପ୍ସା ନାୟକ ଓ ଅଧାପିକା ଅଙ୍କିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା ଭିତ୍ତିକ ପରିଭ୍ରମଣ ଆୟୋଜନ କରାଯାଇଥିଲା । ଏଥିରେ ଛାତ୍ର ଆୟୁଷ୍ମାନ ଭୂୟାଁ ଓ ବିକାଶ ରଂଜନ ମହାନ୍ତ ସହଯୋଗ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray